visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.97 Bhubaneswar Friday May 27 2022 | ୨୫ତମ ବର୍ଷ ସଂଖ୍ୟା–୯୭ ଭୁବନେଶ୍ୱର, ଶୁକ୍ରବାର, ମଇ ୨୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ମୋ ସରକାରରେ ସାମିଲ ହେଲା ଆଉ ୩ ବିଭାଗର ୧୭ଟି ସେବା: କାମ କମ୍, ପ୍ରଚାର ବେଶୀ

ଭୁବନେଶ୍ୱର,୨୬।୫(ପି.ଏନ): ୨୦୧୯ ସାଧାରଣ ନିର୍ବାଚନ ପରେ ରାଜ୍ୟବାସୀଙ୍କୁ 'ମୋ ସରକାର' ଭଳି ଏକ ନୂଆ ମଡେଲ ଦେଇ ଗଣମାଧ୍ୟମରେ ଜୋରସୋର ପ୍ରଚାର କରାଇଥିବା ରାଜ୍ୟ ସରକାର ଏବେ ନିଜ ପିଠି ନିଜେ ଥାପୁଡାଇବାରେ ବ୍ୟସ୍ତ । ଆଜି ଅର୍ଥ , ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ବିଭାଗର ୧୭ଟି ସେବା ଏହି 'ମୋ ସରକାର'ରେ ସାମିଲ ହେବା ସହ ମୋଟ ୩୧ଟି ବିଭାଗର ୨୫୦ଟି ସେବା ଉପଲବ୍ଧ ହୋଇଛି। ତେବେ ଏହି ନୂଆ ପ୍ରଶାସନିକ ମଡେଲ – 'ମୋ ସରକାର' ଆରମ୍ଭବେଳେ ଏଥିରେ ଥାନା, ମେଡିକାଲ, ତହସିଲକୁ ସାମିଲ କରାଯାଇ ସାଧାରଣ ଲୋକଙ୍କୁ ଗୁଣାତ୍ମକ ମାନର ସେବା ଓ ଉତ୍ତମ ବ୍ୟବହାର ପ୍ରଦାନର ଯେଉଁ ଲକ୍ଷ୍ୟ ଥିଲା ତାହା ଏବେ କେବଳ କାଗଜକଲମରେ ସୀମିତ ରହିଛି । ବାସ୍ତବକ୍ଷେତ୍ରରେ ଏହାର ତିକ୍ତ ଅନୁଭୂତି କେବଳ ସାଧାରଣ ଲୋକଙ୍କୁ ହିଁ ଭୋଗିବାକୁ ପଡୁଥିବା ଜଣାପଡିଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି 'ମୋ ସରକାର'ର ସମୀକ୍ଷା କରି କହିଛନ୍ତି ଯେ, ଦୁଇ ବର୍ଷ ତଳେ ଆରମ୍ଭ ହୋଇଥିବା 'ମୋ ସରକାର' କାର୍ଯ୍ୟକ୍ରମ ଏବେ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ଏକ ନୂଆ ମଡେଲ ଦେବାରେ ସଫଳ ହୋଇଛି ବୋଲି କହିଛନ୍ତି । ସରକାର ଓ ସରକାରୀ ଅନୁଷ୍ଠାନ ଗୁଡିକ ପ୍ରତି ଲୋକଙ୍କ ଦୃଷ୍ଟିଭଙ୍ଗୀରେ ମୋ ସରକାର ବ୍ୟାପକ ପରିବର୍ତ୍ତନ ଆଣିଛି । ଜନସାଧାରଣ ଓ ସରକାରୀ ଅନୁଷ୍ଠାନ ମଧ୍ୟରେ ଆସ୍ଥା ସୃଷ୍ଟି କରିବାରେ ମଧ୍ୟ ଏହା ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରଶାସନରେ ଏହି ରୂପାନ୍ତର ପାଇଁ, ସବୁଠାରୁ ଶେଷ ଧାଡିରେ ଥିବା ଲୋକ ପାଖରେ ସରକାର ପହଂଚି ପାରୁଥିବେ ଏବଂ ଆବଶ୍ୟକତା ଥିବା ସବୁ ଲୋକଙ୍କୁ ସେବା ଯୋଗାଇ ପାରୁଥିବେ, ସେଥିପାଇଁ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ଥିଲା।ଏ ଦିଗରେ ନିୟମିତ ଉଦ୍ୟମ ଆଜି ସଫଳ ହୋଇଛି । ଖୁସିର କଥା, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ନାଗରିକ ମାନଙ୍କୁ ସେବା ପ୍ରଦାନ କରିବା ସମୟରେ ବର୍ତ୍ତମାନ ଅଧିକ ଦାୟିତ୍ୱସଂପନ୍ନ ଓ ସହୃଦୟତାର ସହ ବ୍ୟବହାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଜି ଗୃହ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ ପରିବେଶ , ଶିଳ୍ପ, ଏମଏସଏମଇ ଏବଂ ଜଳସଂପଦ ବିଭାଗରେ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।ମୁଖ୍ୟ ସଚିବଙ୍କଠୁ ଆରମ୍ଭ କରି ଫାଇଭ-ଟି ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ 'ମୋ ସରକାର' କାର୍ଯ୍ୟକ୍ରମ ସଫଳ ହୋଇଛି ବୋଲି କହିଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଥାନା, ମେଡିକାଲ, ତହସିଲ ଓ ବ୍ଲକରେ ଏହା କେତେ ସଫଳ ହୋଇଛି ଓ ସାଧାରଣ ଲୋକଙ୍କୁ ଏସବୁ ସ୍ଥାନରେ ବାସ୍ତବରେ କିଭଳି ସେବା ମିଳୁଛି ସେ ନେଇ ସରକାର ସବୁ ଜାଣି ଚୁପ୍ ରହୁଥିବା ଜଣାପଡିଛି । ପଂଚାୟତଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରୀ ଅଫିସରେ ଦୁର୍ନୀତି ଉବୁଟୁବୁ ହେଉଥିଲେ ମଧ୍ୟ ଏହା ଉପରେ ଅଙ୍କୁଶ ଲଗାଇବାରେ 'ମୋ ସରକାର' ସଫଳ ହୋଇପାରିନଥିବା ଜଣାପଡିଛି।

## ମହାନଦୀ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ କଲେ ନରସିଂହ

### କଂଗ୍ରେସ ନୁହେଁ ମହାନଦୀ ପାଇଁ ବିଜେପି କାନ୍ଦୁଛି କୁମ୍ଭୀର କାନ୍ଦଣା

ବଲାଙ୍ଗିର, ୨୬।୫(ପି.ଏନ): ଓଡିଶାରେ ଜୀବନ ରେଖା କୁହାଯାଉଥିବା ମହାନଦୀ ଦିନକୁ ଦିନ ଶୁଖି ଯାଉଥିବା ଦେଖାଯାଉଛି । କିନ୍ତୁ ଦୁଃଖର ବିଷୟ ଯେ, ଓଡିଶା ସରକାର ଏହି ସମସ୍ୟାର ସମାଧାନ ପ୍ରତି କୌଣସି ଆନ୍ତରିକତା ଦେଖାଉ ନାହାନ୍ତି । ଏବେ ଦେଖା ଯାଉଛି ଯେ, ଛତିଶଗଡର ଗତ ବିଜେପି ସରକାର ରାଜ୍ୟରେ ଅନେକ ବ୍ୟାରେଜ ନିର୍ମାଣ କରି ସେଠାରେ ସମ୍ପୂର୍ଣ୍ଣ ଭାବେ ବାନ୍ଧି ଦେଇଛି । ଏହି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଏହାର ରାଜନୈତିକକରଣ କରି ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟମାନଙ୍କୁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଆକ୍ଷେପ କରୁଛନ୍ତି । କିନ୍ତୁ ଯେତେବେଳେ ମହାନଦୀ ଜଳ ବିବାଦକୁ ନେଇ ବାଚସ୍ପତିଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଆଲୋଚନା ପାଇଁ ସମୟ ଅନୁରୋଧ କରାଯାଇଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଓଡିଶାବାସୀଙ୍କ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଥିଲେ । ଏଥିରୁ ଲୋକେ ବୁଝି ଯିବା ଦରକାର ଯେ କୁମ୍ଭୀର କାନ୍ଦଣା କଂଗ୍ରେସ କରୁଛି ନା ବିଜେପି ଏହି ସମସ୍ୟାକୁ ନେଇ କେବଳ ନିର୍ବାଚନୀ ରାଜନୀତି କରୁଛି । ପ୍ରକୃତରେ ମହାନଦୀ ସମସ୍ୟାକୁ ନେଇ କେବଳ ବିଜେପି ନୁହେଁ ତା ସହ ବିଜେଡି ମଧ୍ୟ ହାତ ମିଳାଇ ହୀନ ରାଜନୀତି କରୁଛି । ଆହୁରି ଓଡିଶାରେ ମହାନଦୀକୁ ଶୁଖେଇ ଦେବା ପାଇଁ ଷଡଯନ୍ତ୍ର କରୁଛି ବୋଲି ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ସାମ୍ବାଦିକମାନଙ୍କୁ କହିଛନ୍ତି । ସେ ନିଜ ପ୍ରତିକ୍ରୀୟାରେ ଆହୁରି କହିଛନ୍ତି ଯେ, ମହାନଦୀ ଜଳ ସମସ୍ୟାକୁ ନେଇ କଂଗ୍ରେସ ଦଳ ପ୍ରଥମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସମାଧାନ ପାଇଁ ବାରମ୍ବାର ଚିଠି ଦେବା ସତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ଯୋଗୁଁ ବିରୋଧି ଦଳ ନେତା ଭାବେ ମୁଁ ଏହି ସମସ୍ୟାର ସମାଧାନ ପାଇଁ ଏକ ସର୍ବଦଳିୟ ବୈଠକର ଆହ୍ୱାନ ଦେଇଥିଲି । ଉକ୍ତ ବୈଠକରେ ବିଜେଡି, ବିଜେପି ସହ ଗୋଟି ରାଜନୈତିକ ଦଳ, ବିଶେଷଜ୍ଞ , ବୁଦ୍ଧିଜୀବ ଓ ଏନଜିଓ ମାନେ ମଧ୍ୟ ଭାଗ ନେଇ ଏକତାର ସହ ଏହି ବିବାଦର ସମାଧାନ ପାଇଁ କାମ କରିବା ନେଇ ପ୍ରତିଶୃତି ଦେଇଥିଲେ । ପରବର୍ତ୍ତି ସମୟରେ ଏହାକୁ ନେଇ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ ଙ୍କ ନେତୃତ୍ୱରେ ଦୁଇ ଦୁଇଟି କମିଟି ଗଠନ କରଯାଇଥିଲା । କିନ୍ତୁ ଦିନ ପରେ ଦିନ ଗଡିବା ପରେ ମଧ୍ୟ କୌଣସି ବୈଠକ ଡକା ଗଲା ନାହିଁ । ଓଡିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଧ ହୋଇ କଂଗ୍ରେସର ଏକ ପ୍ରତିନିଧି ଦଳ ଛତିଶଗଡ ଯାଇ ପହଞ୍ଚିଥିଲା । କିନ୍ତୁ , ତତକାଳିନ ଛତିଶଗଡ ସରକାର ଶିଳ୍ପପତିଙ୍କ ଖର୍ଚ୍ଚରେ କେବଳ ଶିଳ୍ପପତିଙ୍କ ଉଦ୍ଦେଶ୍ୟରେ କେଲୋ ନଦୀ ଉପରେ ୭ଟି ବ୍ୟାରେଜ ନିର୍ମାଣ କରି ଜଳରାଶିକୁ ବାନ୍ଧି ଦେଇଥିବା ଦେଖିବାକୁ ପାଇଥିଲା ।

## ୧୦ ହଜାର ଲାଂଚ ନେଇ କିରାଣୀ ଗିରଫ

ଢେଙ୍କାନାଳ, ୨୬।୫(ପି.ଏନ): ସ୍କୁଲ ଏରିଅର୍ ବିଲ୍ କରାଇଦେବାକୁ ପ୍ରଧାନଶିକ୍ଷକଙ୍କ ଠାରୁ ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡିଛନ୍ତି କାମାକ୍ଷାନଗର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଅଫିସ ର କନିଷ୍ଠ କିରାଣୀ ଜୀବନାନନ୍ଦ ଶତପଥୀ । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଭିଜିଲାନ୍ସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଚାଲିଛି ।

## କମିଲା ବସ୍ ଭଡା

ଭୁବନେଶ୍ୱର, ୨୬।୫(ପି.ଏନ): ରାଜ୍ୟରେ କମିଲା ବସ୍ ଭଡ଼ା। ତେଲ ଦର କମିବାରୁ ହ୍ରାସ ପାଇଛି ବସ୍ ଭଡ଼ା। ବିଭିନ୍ନ ବସ୍ ସେବା ପାଇଁ ଭଡ଼ା ହ୍ରାସ କରାଯାଇଛି। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡା କିମି ପିଛା ୩ ପଇସା ଲେଖାଏଁ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପିଛା ୬ ପଇସା ଲେଖାଏଁ ଏବଂ ସୁପର ପ୍ରିମିୟମ ବସ୍ ଭଡା ୯ ପଇସା ହ୍ରାସ ପାଇଛି। ଅର୍ଡିନାରୀ ବସ୍ ଭଡ଼ା ପୂର୍ବରୁ କିଲୋମିଟର ପିଛା ୯୨ ପଇସାରୁ ହ୍ରାସ ପାଇ ୮୯ ପଇସା ହୋଇଛି। ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୯୬ ପଇସା ଥିବା ବେଳେ ଏବେ ଏହା ୯୩ ପଇସାକୁ ଖସିଛି। ସେହିପରି ପୂର୍ବରୁ ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୧ଟଙ୍କା ୩୫ ପଇସା ଥିବା ବେଳେ ଏବେ ଏହା ୧ ଟଙ୍କା ୨୯ ପଇସା ହୋଇଛି। ଏସି ଡିଲକ୍ସର ଭଡ଼ା କିମି ପିଛା ୧ଟଙ୍କା ୬୩ ପଇସାରୁ କମି ୧ ଟଙ୍କା ୫୭ ପଇସା ହୋଇଛି।ସୁପର ପ୍ରିମିୟମ ବସ୍ ର ଭଡ଼ା କିମି ପିଛା ୨ ଟଙ୍କା ୫୩ ପଇସା ଥିବା ବେଳେ ଏହା ୨ ଟଙ୍କା ୪୪ପଇସାକୁ ଖସିଛି।

## ନିଳିଗୁଡାରେ ଅବକାରୀ ଚଢଉ : ୪ ହଜାର ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ

ଜୟପୁର, ୨୬।୫(ପି.ଏନ): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ପାହାଡ ତଳେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ବିଭାଗ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ୪ ହଜାର ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ ହୋଇଛି । ୪ଟି ମଦ ଭାଟିକୁ ଭାଙ୍ଗାଯାଇ ଥିବା ବେଳେ ଜବତ ମଦ ଓ ପୋଚକୁ ନଷ୍ଟ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ଘଟଣାସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଛି । ଏପିଆର ଫୋର୍ସ ସହ ଜୟପୁର ଅବକାରି ବିଭାଗର ମିଳିତ ଚଢଉ କରାଯାଇଛି ।ଏହି ଚଢଉରେ ଅବକାରି ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

## ରାଜ୍ୟସଭା ଉପନିର୍ବାଚନ : ୧୨ ସେଟ୍ ପ୍ରାର୍ଥୀପତ୍ର ନେଲା ବିଜେଡି

ଭୁବନେଶ୍ୱର,୨୬।୫(ପି.ଏନ): ଓଡିଶାରୁ ଖାଲି ହୋଇଥିବା ୪ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଆରମ୍ଭ ହୋଇଥିଲେ ହେଁ ଏଯାଏଁ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ସଂଖ୍ୟା ଦୃଷ୍ଟିରୁ ସମସ୍ତ ଆସନ ବିଜେଡିକୁ ଯିବ ବୋଲି ଏକପ୍ରକାର ସ୍ପଷ୍ଟ। ତେବେ କାହାକୁ ପ୍ରାର୍ଥୀ କରିବ ବିଜେଡି, ତାହା ଏବେ ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି । ଏହାରି ମଧ୍ୟରେ ଗୁରୁବାର ଦିନ ମୋଟ୍ ୧୨ ସେଟ୍ ପ୍ରାର୍ଥୀପତ୍ର ନେଇଛି ବିଜୁ ଜନତା ଦଳ। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ପାଖରୁ ଏହି ୧୨ ସେଟ୍ ପ୍ରାର୍ଥୀପତ୍ର ନେଇଥିବା ଜଣାପଡିଛି। ସେହିପରି ଆଉ ଜଣେ ବ୍ୟକ୍ତି ୨ ସେଟ୍ ପ୍ରାର୍ଥୀପତ୍ର ନେଇଥିବା ଜଣାପଡିଛି। ୪ ଆସନ ପାଇଁ ଆଶାୟୀ ଅନେକ। ଚର୍ଚ୍ଚା ହେଉଛି ୪ଟିରୁ ୨ଟି ଆସନରେ ମହିଳାଙ୍କୁ ପଠାଇ ପାରନ୍ତି ବିଜେଡି ସୁପ୍ରିମୋ। ସେପଟେ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପ୍ରଦୀପ ମାଝୀଙ୍କ ନାଁ ମଧ୍ୟ ରାଜ୍ୟସଭା ରେସର ଶୀର୍ଷରେ ରହିଛି । ଯୁବ ନେତା ସସ୍ମିତ ପାତ୍ରଙ୍କୁ ସୁପ୍ରିମୋ ରିପିଟ୍ କରିପାରନ୍ତି ବୋଲି ଅନେକ ସମ୍ଭାବନା ରହିଛି । ଅନ୍ୟପଟେ ମାନସ ମଙ୍ଗରାଜ, ଶ୍ରୀମୟୀ ମିଶ୍ର, ସୁସ୍ମିତା ବାଗଚୀ, ସୁଲତା ଦେଓଙ୍କ ଭଳି ଚେହେରାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ଲାଗିରହିଛି। ମହିଳା ଚେହେରା ହିସାବରେ ମିଶନ ଶକ୍ତିର ଜଣେ ଚେହେରାଙ୍କୁ ସାମ୍ନାକୁ ଆଣି ବଡ ମାଷ୍ଟର ଷ୍ଟ୍ରୋକ ମାରିପାରନ୍ତି ନବୀନ।

## ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୨୬।୫(ପି.ଏନ): ଆସନ୍ତା ମେ ୩୦ ଓ ୩୧ରେ ଦୁଇଦିନ ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ବ ଭାରତୀୟ ଧର୍ମଘଟ ହେବ ନାହିଁ। ଏହାକୁ ସ୍ଥଗିତ ରଖାଯାଇଛି। ଗତ ୨୪ତାରିଖରେ ମୁମ୍ବାଇଠାରେ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ମଧ୍ୟସ୍ଥତାରେ ହୋଇଥିବା ଆଲୋଚନାରେ କର୍ମଚାରୀଙ୍କ ବଦଳି ବିଷୟରେ ପୁନର୍ବିଚାର କରାଯିବ ଓ ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତି ନିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଅଖିଳ ଭାରତ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘ ମଧ୍ୟରେ ରାଜିନାମା ହୋଇଯାଇଛି। ଏଣୁ ଆସନ୍ତା ୩୦ ଓ ୩୧ର ସର୍ବ ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଧର୍ମଘଟକୁ ସ୍ଥଗିତ ରଖାଯାଇଛି ବୋଲି ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନର ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଜଣାଇଛନ୍ତି।

## ଆସନ୍ତାକାଲି ଭାରତ ଡ୍ରୋନ୍ ମହୋତ୍ସବକୁ ପ୍ରଗତି ମଇଦାନରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୫(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠୁ ବଡ ଡ୍ରୋନ୍ ଉତ୍ସବ – ଭାରତ ଡ୍ରୋନ୍ ମହୋତ୍ସବ ୨୦୨୨ କୁ ୨୭ମଇ ପୂର୍ବାହ୍ନ ୧୦ଟାରେ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଉଦଘାଟନ କରିବେ।ପ୍ରଧାନମନ୍ତ୍ରୀ କିଷାନ୍ ଡ୍ରୋନ୍ ପାଇଲଟମାନଙ୍କ ସହ ମଧ୍ୟ ଆଲୋଚନା କରିବେ, ଖୋଲା ଆକାଶରେ ଡ୍ରୋନ୍ ପ୍ରଦର୍ଶନ ଦେଖିବେ ଏବଂ ଡ୍ରୋନ୍ ପ୍ରଦର୍ଶନୀ କେନ୍ଦ୍ରରେ ଷ୍ଟାର୍ଟଅପମାନଙ୍କ ସହିତ ଆଲୋଚନା କରିବେ।ଭାରତ ଡ୍ରୋନ୍ ମହୋତ୍ସବ ୨୦୨୨ ହେଉଛି ଦୁଇ ଦିନିଆ କାର୍ଯ୍ୟକ୍ରମ ଏବଂ ଏହା ୨୭ ଏବଂ ୨୮ ମଇରେ ଅନୁଷ୍ଠିତ ହେବ। ସରକାରୀ ଅଧିକାରୀ, ବିଦେଶୀ କୂଟନୀତିଜ୍ଞ, ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ, ପିଏସୟୁ, ଘରୋଇ କମ୍ପାନୀ ଏବଂ ଡ୍ରୋନ୍ ଷ୍ଟାର୍ଟଅପ୍ ଇତ୍ୟାଦିର ୧୬୦୦ ରୁ ଅଧିକ ପ୍ରତିନିଧି ମହୋତ୍ସବରେ ଅଂଶଗ୍ରହଣ କରିବେ। ୭୦ ରୁ ଅଧିକ ପ୍ରଦର୍ଶନକାରୀ ପ୍ରଦର୍ଶନୀରେ ଡ୍ରୋନର ବିଭିନ୍ନ ବ୍ୟବହାର ଦେଖାଇବେ। ମହୋତ୍ସବରେ ଅନ୍ୟଗୁଡିକ ମଧ୍ୟରେ ଭର୍ଚୁଆଲ ବ୍ୟବସ୍ଥାରେ ଡ୍ରୋନ୍ ପାଇଲଟ୍ ସାର୍ଟିଫିକେଟ୍ ପ୍ରଦାନ, ନୂତନ ସାମଗ୍ରୀର ଶୁଭାରମ୍ଭ, ପ୍ୟାନେଲ୍ ଆଲୋଚନା, ଉଡାଣ ପ୍ରଦର୍ଶନ, ମେଡ୍ ଇନ୍ ଇଣ୍ଡିଆ ଡ୍ରୋନ୍ ଟ୍ୟାକ୍ସି ପ୍ରୋଟୋଟାଇପ୍ ଆଦି ଦେଖିବାକୁ ମିଳିବ।

## ବାରବାଟୀ ଷ୍ଟାଡିୟମରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା: ଅଗ୍ନିଶମ ବିଭାଗ ଶୋଇଥିଲା, ଓଏଚ୍‌ଆରସି ଦେଲେ ନିର୍ଦ୍ଦେଶ



ଭୁବନେଶ୍ୱର,୨୬।୫(ପି.ଏନ): ବିଭିନ୍ନ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଖେଳାଯାଉଥିବା କଟକର ବାରବାଟୀ ଷ୍ଟାଡିୟମରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଦେଶବିଦେଶର ଖେଳାଳୀମାନେ ଏଠାକୁ ଆସୁଥିଲେ ମଧ୍ୟ ଏତେ ବଡ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଆଉ ରାଜ୍ୟ ଅଗ୍ନିଶମ ବିଭାଗ ମଧ୍ୟ ଏହାକୁ ଅଣଦେଖା କରିଛି । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ମାନବାଧିକାର କମିଶନ ଏଥିରେ ହସ୍ତକ୍ଷେପ କରି ବାରବାଟୀ ଷ୍ଟାଡିୟମରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ନିମନ୍ତେ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁନ୍ ୧୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଟି-୨୦ ଦିନିକିଆ ମ୍ୟାଚ୍ ଖେଳାଯିବାର ଥିବାବେଳେ ନିଶିକାନ୍ତ ମିଶ୍ରଙ୍କ ଆବେଦନର ଶୁଣାଣି କରି ମେ' ୨୬ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କଟକ ପୁଲିସ ଡିସିପି ଓ ଓଡିଶା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକଙ୍କୁ ରାଜ୍ୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଶ୍ରୀ ମିଶ୍ର କଟକ ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କଟକ ଡିସିପି ପିନାକ ମିଶ୍ର ଆଜି କମିଶନଙ୍କ ପାଖରେ ଦାଖଲ କରିଥିବା ରିପୋର୍ଟରେ ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଥିବା ଗୁରୁତର ତ୍ରୁଟି ସମ୍ପର୍କରେ ତଥ୍ୟ ରଖିଥିଲେ । କମିଶନ ଆଜି ତାଙ୍କ ନିର୍ଦ୍ଦେଶରେ ବାରବାଟୀ ଷ୍ଟାଡିୟମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଜୁନ୍ ୨୬ ସୁଦ୍ଧା ଆବେଦନକାରୀ ଶ୍ରୀ ମିଶ୍ର ଉଠାଇଥିବା ପ୍ରସଙ୍ଗ ଉପରେ ରିପୋର୍ଟ ଦେବାକୁ କମିଶନ କହିଛନ୍ତି।

## ବ୍ରଜରାଜନଗର ଉପନିର୍ବାଚନ

### ଆଜି ପ୍ରଚାର କରିବେ ପ୍ରସିଦ୍ଧ ଭୋଜପୁରୀ ଅଭିନେତା ନିରହୁଆ

ଭୁବନେଶ୍ୱର,୨୬।୫(ପି.ଏନ): ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। ପ୍ରଚାର କାର୍ଯ୍ୟକୁ ଆହୁରି ଶାଣିତ କରିବା ପାଇଁ ଆସନ୍ତାକାଲି ପ୍ରସିଦ୍ଧ ବଲିଉଡ ତଥା ଭୋଜପୁରୀ ଚଳଚ୍ଚିତ୍ର ଓ ଲୋକପ୍ରିୟ ଅଭିନେତା ଦିନେଶ ଲାଲ ଯାଦବ (ନିରହୁଆ) ପ୍ରଚାର ମଇଦାନକୁ ଓହ୍ଲାଇବେ। ସେ ଦଳୀୟ ପ୍ରାର୍ଥୀ ଶ୍ରୀମତୀ ରାଧାରାଣି ପଣ୍ଡାଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।ଅନେକ ହିନ୍ଦୀ ଓ ଭୋଜପୁରୀ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଏବଂ ଉତରପ୍ରଦେଶ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଯାଦବ (ନିରହୁଆ) ଗତ ସାଧାରଣ ନିର୍ବାଚନରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବଙ୍କ ବିରୁଦ୍ଧରେ ନିର୍ବାଚନ ଲଢିଥିଲେ।

## ଆହୁରି ବଢିବ ତାତି

ଭୁବନେଶ୍ୱର, ୨୬।୫(ପି.ଏନ): ସମଗ୍ର ରାଜ୍ୟରେ ତାପମାତ୍ରା ବଢିବା ସହ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି ରହିଛି। ଆଗକୁ ମଧ୍ୟ ଗୁଳୁଗୁଳି ସହ ଆହୁରି ଗ୍ରୀଷ୍ମ ପ୍ରବାହ ବଢ଼ିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗାମୀ ୩ ଦିନ ମଧ୍ୟରେ ଦିନର ତାପମାତ୍ରା ବଢ଼ିବ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡ଼ିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ତାପମାତ୍ରା ବୃଦ୍ଧି ସହ ଉପକୂଳ ଓଡ଼ିଶାର କିଛି ଅଂଚଳରେ ଗୁଳୁଗୁଳି ସମ୍ଭାବନା ଅଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଂଜାମ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୧ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଚଳିତ ଶତାବ୍ଦୀର ସବୁଠୁ ବଡ଼ ଦୁର୍ନୀତି ହେଉଛି 'ବିଜୁଳି ଦୁର୍ନୀତି' : ବିଜେପି

ଭୁବନେଶ୍ୱର,୨୬।୫(ପି.ଏନ): ଆଧୁନିକ ସଭ୍ୟତାରେ ବିଦ୍ୟୁତ ଶକ୍ତିର ବିନା ବିନିଯୋଗରେ କୌଣସି ଅର୍ଥନୀତି ସୁଦୃଢ ହୋଇପାରିବ ନାହିଁ। ମାର୍ଚ୍ଚ ଶେଷ ସୁଦ୍ଧା ୧୬୮ ମିଲିୟନ ଟନର କୋଇଲା ଉତ୍ପାଦନ କରି ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ଠାରୁ ପାଣି, ଚିଟଫଣ୍ଡଠାରୁ ବିଦ୍ୟୁତ ଦୁର୍ନୀତିରେ ରାଜ୍ୟ ସରକାର ସିଦ୍ଧହସ୍ତ ହାସଲ କରିଛନ୍ତି। ଓଡ଼ିଶାର ସବୁଠାରୁ ବଡ଼ ଦୁର୍ନୀତି ହେଉଛି ବିଦ୍ୟୁତ୍। ବିଦ୍ୟୁତ୍ ସଂସ୍କାର ଆଣିବାରେ ଓଡିଶା ପ୍ରଥମ ରାଜ୍ୟ ହୋଇଥିବାବେଳେ ଆଜି ସଂସ୍କାର ନାମରେ କୋଟି କୋଟି ଟଙ୍କା ଉପଭୋକ୍ତାଙ୍କଠାରୁ ଲୁଟ୍ କରାଯାଉଛି । ଓଡ଼ଶା କୋଇଲା ଉତ୍ପାଦନରେ ଏକ ନମ୍ବର ରାଜ୍ୟ ହୋଇ ମଧ୍ୟ ଗ୍ରାହକମାନେ ବିଦ୍ୟୁତ ପାଇବାରୁ ବଂଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶାରରୁ ଜମି, କୋଇଲା, ପାଣି ନେବା ସହ ଓଡ଼ିଶାକୁ ପ୍ରଦୂଷିତ ମଧ୍ୟ କରାଯାଉଛି। ବିଭିନ୍ନ କମ୍ପାନୀମାନେ ଓଡ଼ିଶାରୁ ସବୁ ସଂପଦ ନେଇ ମଧ୍ୟ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଉନାହାନ୍ତି। ଚଳିତ ଶତାବ୍ଦୀର ସବୁଠୁ ବଡ ଦୁର୍ନୀତି ହେଉଛି ବିଜୁଳି ଦୁର୍ନୀତି ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ୧୯୯୯ରେ ନବୀନ ବାବୁ କ୍ଷମତାକୁ ଆସିବାଠାରୁ ଆଜି ପର୍ଯ୍ୟନ୍ତ ସାଧାରଣ ଗ୍ରାହକଙ୍କ ପାଇଁ ୧୩୭% ବିଦ୍ୟୁତ ଶୁଳ୍କ ବୃଦ୍ଧି ଘଟିଛି। ୧୯୯୯-୨୦୦୦ ମସିହାରେ ୫୦ୟୁନିଟ୍ ପର୍ଯ୍ୟନ୍ତ ଲୋକେ ୧ଟଙ୍କା ୨୦ପଇସା କିନ୍ତୁ ୨୦୨୨ବେଳକୁ ୩ଟଙ୍କା ୟୁନିଟ୍ ପ୍ରତି ଦେଉଛନ୍ତି। ସେହିପରି ୪୦୦ ୟୁନିଟ୍‌ରୁ ଅଧିକ ବ୍ୟବହାର କଲେ ୨ଟଙ୍କା ୮୦ ପଇସାରୁ ବୃଦ୍ଧି ପାଇଁ ୬ଟଙ୍କା ୨୦ପଇସାରେ ପହଂଚିଲାଣି। କ୍ଷୁଦ୍ର ଓ ଅଣୁ ସଂସ୍ଥାଗୁଡ଼ିକ ଉପରେ ୧୧୧%, ଶିଳ୍ପରେ ୧୦୬% ବୃଦ୍ଧି ଘଟିଛି। ଗତ ୧୦ବର୍ଷ ଭିତରେ ଓଡ଼ିଶା ବିଦ୍ୟୁତ ବଂଟନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଖର୍ଚ୍ଚ ହୋଇଥିବା ୨୦ହଜାର କୋଟି ସଠିକ ଭାବେ ବ୍ୟୟ ହୋଇନାହିଁ । ମାତ୍ର ୭୦୦ କୋଟି ଟଙ୍କାରେ ୫୧ ପ୍ରତିଶତ ମାଲିକାନା ହୋଇଛି ଟାଟା ପାୱାର । ସିଏଜି ଏହି ପୁଞ୍ଜିବ୍ୟୟ ଉପରେ ଆପତି ଆଣିଛି। ବିଦ୍ୟୁତ ଶୁଳ୍କରେ ଅନିୟମିତତା ଏବଂ ଜାଣିଶୁଣି ନିଅଂଟିଆ ପରିସ୍ଥିତି ସୃଷ୍ଟି କରାଯାଇ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଛି।ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ସଚିବ ଶକ୍ତି ବିଭାଗରୁ ଡେପୁଟେସନରେ ନିଯୁକ୍ତ ଅଛନ୍ତି। ଅନ୍ୟ ପକ୍ଷରେ ବାହାର ରାଜ୍ୟମାନଙ୍କରେ ଆଇଏଏସ୍ ଅଫସରମାନେ ଏହି ପଦବୀରେ କାର୍ଯ୍ୟ କରିଥାନ୍ତି। ୧୯୯୭ମସିହାରେ ଏହି ଆୟୋଗର ଚାକିରି ସଂସ୍ଥାବଳୀ ଅନୁଯାୟୀ ଆୟୋଗରେ ୨୭ଟି ପଦବୀ ରଖାଯାଇଥିଲା। ଏବେ ଗ୍ରାହକଙ୍କ ସଂଖ୍ୟା ୧୦ଗୁଣ ବୃଦ୍ଧି ଘଟିଛି କିନ୍ତୁ ପଦବୀ ସଂଖ୍ୟା ୨୭ରୁ ୧୩କୁ ଖସିଛି। ବିଜୁଳି ବିଲ୍‌ରେ ୩ଟି ସ୍ଲାବ ଥାଏ ଏବଂ ପ୍ରତ୍ୟେକ ସ୍ଲାବ ପାଇଁ ଭିନ୍ନ ଭିନ୍ନ ଦର ଧାର୍ଯ୍ୟ ହୋଇଛି । ଗ୍ରାହକମାନେ ମାସିକିଆ ବଦଳରେ ୨୫-୨୭ ଦିନିଆ ହିସାବରେ ବିଲ୍ ପାଉଛନ୍ତି। ଫଳରେ ଉଚ୍ଚତର ସ୍ଲାବରେ ଦେୟ ପୈଠ କରି ପ୍ରତି ଗ୍ରାହକ ପ୍ରାୟ ମାସିକ ପାଖାପାଖି ୪୨ଟଙ୍କାର କ୍ଷତି ସହୁଛନ୍ତି। ୯୫ଲକ୍ଷ ଗ୍ରାହକଙ୍କୁ ହିସାବକୁ ନେଲେ ମାସିକ ଏବାବଦରେ ହାରାହାରି ୪୦କୋଟି ଟଙ୍କାର ହରିଲୁଟ୍ ହେଉଛି।୨୦୨୧ ମସିହା ଏପ୍ରିଲ ତୁଳନାରେ ୨୦୨୨ ଏପ୍ରିଲରେ ହୀରାକୁଦ, ରେଙ୍ଗାଳୀ, ଅପରକୋଲାବରେ ଜଳସ୍ତର ବୃଦ୍ଧି ପାଇଥିଲା। ବାଲିମେଳା, ଇନ୍ଦିରାବତୀ ଓ ମାଛକୁଣ୍ଡରେ ଜଳପତନ ସାମାନ୍ୟ ହ୍ରାସ ପାଇଥିଲା। ଅଥଚ ରାଜ୍ୟର ଜଳ ବିଦ୍ୟୁତ ଉତ୍ପାଦନ କ୍ଷମତା ୨୦୯୯.୫ ମେଗାୱାଟର ମାତ୍ର ୩୩% ବିଜୁଳି ଉତ୍ପାଦନ ହେଲା। ସେହିପରି ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ୨୨ଶହ ମେଗାୱାଟ ଥିବାବେଳେ ଉତ୍ପାଦନ ହେଉଛି ମାତ୍ର ୪୧% ବା ୯୦୩.୮୦ମେଗାୱାଟ। ଖରା ସମୟରେ ବିଦ୍ୟୁତ ଚାହିଦା ଅଧିକ ଥିବାବେଳେ ଓପିଜିସି ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ଷ୍ଟେଜ-୨ର ମରାମତି ଆଳରେ ୬୬୦ମେଗାୱାଟ ବିଦ୍ୟୁତ ଉତ୍ପାଦନ ବନ୍ଦ କରିଦିଆଯାଇଛି। ଜନସାଧାରଣଙ୍କଠାରୁ ବର୍ଷ ବର୍ଷ ଲୁଟ କରାଯାଇଥିବା ଅର୍ଥକୁ ଫେରସ୍ତ ଦେବାକୁ ଦାବୀ ଜଣାଇବା ସହିତ ରାଜ୍ୟ ସରକାର ବିଦ୍ୟୁତ ସଂସ୍କାରକୁ ଠିକଣାଭାବେ କାର୍ଯ୍ୟକାରୀ କରି ଜନସାଧାରଣଙ୍କୁ ସୁଲଭ, ନିରବଚ୍ଛିନ. ଉଚ୍ଚ ଗୁଣାତ୍ମକ ବିଦ୍ୟୁତ ଯୋଗାଇ ଦେବାକୁ ବିଜେପି ଦାବୀ କରୁଛି । ନଚେତ ରାଜ୍ୟସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବ୍ୟାପକ ଗଣଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି ।ଏହି ଅବସରରେ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା

### ସୁବାସ ସିଂହଙ୍କ ଇସ୍ତଫା ପରେ ଖାଲିପଡିଛିଆସନ

ଭୁବନେଶ୍ୱର,୨୬।୫(ପିଏନ):ରାଜ୍ୟସଭା ଉପନିର୍ବାଚନ ପାଇଁ ପ୍ରକାଶ ପାଇଛି ବିଧିବଦ୍ଧ ବିଜ୍ଞପ୍ତି। କଟକ ମେୟର ସୁବାସ ସିଂହଙ୍କ ଇସ୍ତଫା ପରେ ଖାଲିଥିବା ଆସନ ପାଇଁ ଉପନିର୍ବାଚନ ହେବ। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ଏହି ଉପ ନିର୍ବାଚନ ପାଇଁ ଜୁନ୍ ୨ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯାଇପାରିବ। ଜୁନ୍ ୩ ତାରିଖରେ ନାମାଙ୍କନ ପତ୍ର ଯାଂଚ କରାଯିବ। ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିହେବ। ଆବଶ୍ୟକସ୍ଥଳେ ଜୁନ୍ ୧୩ ତାରିଖରେ ସକାଳ ୯ଟାରୁ ୪ ଟା ମଧ୍ୟରେ ମତଦାନ ଗ୍ରହଣ କରାଯିବ ଏବଂ ସେହିଦିନ ୫ଟା ବେଳେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଜୁନ୍ ୧୭ ସୁଦ୍ଧା ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ। ସୂଚନାଯୋଗ୍ୟ, ଏପ୍ରିଲ୍ ୨୧ ତାରିଖରେ କଟକ ମେୟର ସୁବାସ ସିଂହ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଥିଲେ। ସେ ରାଜ୍ୟସଭା ଅଧକ୍ଷଙ୍କୁ ନିଜ ଇସ୍ତଫା ପତ୍ର ପଠାଇଥିଲେ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି। ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ରଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ମେ' ୨୭**

# ମନୁଷ୍ୟର ମାନସିକତା



**ଥ**ରେ ମୁଁ ଓ ମୋର ଜଣେ ଘନିଷ୍ଠ ବାନ୍ଧବୀ ଜଣେ ସାଧୁ ଦେଉଥିବା ପ୍ରବଚନକୁ ଶୁଣିବାକୁ ଯାଇଥିଲୁ। ପ୍ରଥମ ଦିନ ସାଧୁ କହିଥିଲେ ସାହସିକତା ଓ ଆତ୍ମବିଶ୍ୱାସ ମଣିଷକୁ ବଡ଼ କରି ତୋଳେ କିନ୍ତୁ ଭୟଭ୍ରାନ୍ତି ମଣିଷର ଦୁଇ ଶତ୍ରୁ ଓ ସେମାନେ ମଣିଷର ସଫଳତାରେ ବାଧକ ହୋଇଥାନ୍ତି। ଦ୍ୱିତୀୟ ଦିନ କହିଥିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି ଓ ଭଗବାନଙ୍କ ନିକଟରେ ସମସ୍ତ ସମସ୍ୟା ସମାଧାନର ବାଟ ରହିଛି। ସାହସିକତା, ଆତ୍ମବିଶ୍ୱାସ କିପରି ସଫଳତାର ଚାବିକାଠି ତାହାକୁ ବୁଝାଇବାକୁ ଯାଇ ସେ କଲମ୍ବସ, ଲୁଇସପାଶ୍ଚର, ମିଲଟନ, ବେଥୋଭେନ, ହେଲେନକେଲରଙ୍କର ଉଦାହରଣ ଦେଇଥିଲେ। ସେ କହିଥିଲେ ସିଂହର ଭୟ ନଥାଏ ଓ ଭୟ ଥିବା ଜୀବକୁ ସିଂହ କୁହାଯାଇପାରେନା।

ମୁଁ ମୋର ବାନ୍ଧବୀକୁ ପଚାରିଲି ଆଜିର ପ୍ରବଚନ କିପରି ଲାଗିଲା। ସେ କହିଲା କହିବା ଓ ଶୁଣିବା ବଡ଼ ସହଜ କିନ୍ତୁ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରିବା ଅତ୍ୟନ୍ତ କଷ୍ଟକର। ତୃତୀୟ ଦିନ ପ୍ରବଚନରେ ସାଧୁ କହିଲେ ମା' ସର୍ବଂସହା, ସତ୍ୟ, ଗର୍ଭଧାରିଣୀ ମମତାମୟୀ। କାଳଚକ୍ରରେ ସେ କନ୍ୟା, ଭଗ୍ନୀ, ପତ୍ନୀ, ବନ୍ଧୁ, ଶାଶୁ ପ୍ରଭୃତି ଭୂମିକାରେ ଅଭିନୟ କରିଥାଏ। ଅମୃତର ଧାରା ଦେଇ ଶିଶୁକୁ ବଢ଼ାଏ ଓ ମା'ର କୋଳ ଶିଶୁପାଇଁ ନିରାପଦର ସ୍ଥାନ। ଘରକୁ ବାସଗୃହରେ ପରିଣତ କରେ, ଦୁଃଖର ଦିନକୁ ସୁଖରେ ପରିଣତ କରେ। ଗଭୀର କ୍ଷତର ଦୁଃଖକୁ ଦୂରକରେ। ଦକ୍ଷତା ଓ ସହିଷ୍ଣୁତା ଦ୍ୱାରା ଦୋଷତୃଟିକୁ ବଦଳାଇ ଦେଇପାରେ। ବିପଦ ସମୟରେ ସେ ସାନ୍ତ୍ୱନାର ଉତ୍ସ ହୋଇଥାଏ। ତା' ପାଖରେ ଥାଏ ଅସୀମ ବିଶ୍ୱାସ, ଦୃଢ଼ତା ଓ ଆସ୍ଥା। ତାର ଲୁହ ମାଧ୍ୟମରେ ସେ ତାର ପିଲାଙ୍କ ପ୍ରତି ପ୍ରେମକୁ ପ୍ରକଟିତ କରିଥାଏ। କିନ୍ତୁ ଆଜିକାଲି ମା' ପାଇଁ ଉତ୍ସର୍ଗୀକୃତ ଦିନଟି ଛଡ଼ା ଅନ୍ୟ ଦିନମାନଙ୍କରେ ପିଲାମାନେ ମା'ଙ୍କୁ ମନେପକାଉନାହାଁନ୍ତି।

ତା' ପରଦିନ ପ୍ରବଚନ ଶୁଣିବାକୁ ଯିବା ପୂର୍ବରୁ ମୋର ବାନ୍ଧବୀ ମତେ ତାଙ୍କର ଘରର ପୋଖରୀକୂଳକୁ ନେଇଗଲେ। ସେ ପୋଖରୀରେ ବଡ଼ ବଡ଼ ମାଛ ଥାଆନ୍ତି। ବାନ୍ଧବୀ କହିଲା ଯେ ପ୍ରବଚନରୁ ତୁ ଯଦି କିଛି ଶିକ୍ଷା କରିଥାଉ ତେବେ ଭଗବାନଙ୍କ କୃପାରୁ ତାହା ଏଠାରେ ପ୍ରତିଫଳିତ ହେବ। ତାର କଥା ସରିଚି ନା ନାହିଁ ଗୋଟିଏ ବଡ଼ ମାଛ କୂଳ ପାଖକୁ ଆସିଲା ଓ ସେଠାରେ ବୁଲୁଥିବା ଗୋଟଏ ଛୋଟ ମାଛକୁ ଗିଳିଦେଲା। ବାନ୍ଧବୀ କହିଲା ଏପରି ଏକ ଦୃଶ୍ୟକୁ ଦେଖି ଦିନେ ବୁଦ୍ଧଙ୍କ ମନ ତରଳି ଯାଇଥିଲା। ଏହାକୁ ଦେଖି ତୋର ମନରେ ନିରାମିଷାଶୀ ହେବାର ବାସନା ଉଦ୍ରେକ ହେଉଛି କି ? ମୁଁ କହିଲି ନା, କାରଣ ଆମିଷ ଭକ୍ଷଣ କରିବାକୁ ମତେ ଖୁବ ଭଲ ଲାଗୁଥିଲା।

ଏହାପରେ ଆମେ ପ୍ରବଚନ ଶୁଣିବାକୁ ଗଲୁ। ବାଟରେ ଯାଉଥିବା ସମୟରେ ଗୋଟିଏ ଗାଡ଼ିରେ କୁକୁଡ଼ାମାନେ କୁକୁଡ଼ା ଚାଷ ହେଉଥିବା କେନ୍ଦ୍ରରୁ ଲଦା ହୋଇ ଆସୁଥିଲେ। ଆଉ ଏକ ଗାଡ଼ିରେ ଛେଳି ଓ ଗୋମାତାମାନେ କଂସେଇଖାନାକୁ ବୋଝେଇ ହୋଇ ଆସୁଥିଲେ। ଏହା ଦେଖି ବାନ୍ଧବୀ କହିଲା ଦେଖ ତୋର ଅତି ପ୍ରିୟ ଖାଦ୍ୟମାନେ କିପରି ଲଦା ହୋଇ ଯାଉଛନ୍ତି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ସେମାନଙ୍କୁ କଷ୍ଟ ହେଉଥିବ। କହିଲୁ ଦେଖି ଛୁଆ କୁକୁଡାଟି ଆଗରେ ତାର ମା' କୁକୁଡ଼ାକୁ ଯେତେବେଳେ ହତ୍ୟା କରାଯାଉଥିବ ଓ ତାହାକୁ ଲୋକମାନେ ନେଇ ଆନନ୍ଦରେ ଖାଉଥିବେ ଛୁଆ କୁକୁଡ଼ା ମନରେ କ'ଣ ଭାବନା ଚାଲୁଥିବ। ମୁଁ କହିଲି ପଶୁମାନଙ୍କର ଏପରି ଉନ୍ନତ ଭାବନା ନଥାଏ, ନହେଲେ ମା' ଆଗରେ ଶିଶୁର ହତ୍ୟା ଓ ଶିଶୁ ଆଗରେ ମା'ର ହତ୍ୟା ନିଶ୍ଚୟ ବିଭତ୍ସଜନକ।

ସେଦିନ ସାଧୁ ତାଙ୍କ ପ୍ରବଚନରେ କହିଲେ ଯେ ମାଂସ କଟାଯାଉଥିବା ସ୍ଥାନରେ ଗୋଟିଏ ପରିବାରର ବାପା, ମା ଓ ଛୋଟ ପିଲାମାନେ ଏକାଠି ଠିଆ ହୋଇଥାନ୍ତି। ସେଠାରେ ତାଙ୍କ ପରି ଅନ୍ୟ ପରିବାରର ଲୋକମାନେ ମଧ୍ୟ ଗହଳି କରୁଥାନ୍ତି। ସମସ୍ତେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି, ଯେ କିପରି ଭାବେ ଆଗ ମାଂସ ନେଇ ଘରକୁ ଫେରିବେ। ମାଂସକଟାଳି ଗୋଟିଏ ଛେଳିକୁ ହାଣି ତାର ଗୋଡ ଦୁଇଟିକୁ ଭାଙ୍ଗି ଦଉଡିରେ ଟାଙ୍ଗି ଦେଲା। ତାର ଦେହରୁ ସମସ୍ତ ଚମଡ଼ାକୁ ଛଡ଼ାଉଥିବା ବେଳେ ରକ୍ତ ଟପ ଟପ ହୋଇ ଝରି ପଡୁଥିଲା। ମାଂସ ବିକାଳି କଟା ଯାଇଥିବା ଛେଳି ଉପରେ ପାଣି ପକାଇ ସଫା କରୁଥିବା ସମୟରେ ଅନ୍ୟ ଛେଳିମାନଙ୍କର ବେଦନାକୁ ଗ୍ରାହକମାନେ ଶୁଣିପାରି ନଥିଲେ। ଚାଲିଥିଲା ପ୍ରତିଯୋଗିତା। କିଏ କହୁଥାଏ ମୋର କିଲେ, କିଏ କହୁଥାଏ ମୋର ଅଧକିଲୋ ଏହିପରି। ହଠାତ ଜଣେ ସ୍ତ୍ରୀ ଲୋକ କହିଉଠିଲେ 'ଭାଇ ମତେ କିଛି କଳିଜା ଦେବ', ଆଉ ଜଣେ ସ୍ତ୍ରୀ ଲୋକ କହି ଉଠିଲେ ତୁମେ ଚର୍ବି ନ ଦେଉଥିବାରୁ ମାଂସ ତରକାରି ଭଲ ହେଉନାହିଁ। ଆଉ ଜଣେ ଭଦ୍ର ବ୍ୟକ୍ତି କହିଲେ ମତେ ଫଡ଼ିଆରୁ ଦେବ, ମୋ ପୁଅ ଫଡ଼ିଆ ଖାଇବାକୁ ଭାରି ଭଲପାଏ। ଆଉ ଜଣେ ଭଦ୍ରବ୍ୟକ୍ତି କହୁଥାନ୍ତି ଭାଇ ମତେ ସିହ୍ନା ଦେବ। ମତେ ତ' ହାଡ଼ର ଶସ ଭାରି ଭଲ ଲାଗେ। ସାଧୁ କହିଲେ କହିଲ ଦେଖି ଯେଉଁମାନେ ମାଂସ କିଣିବାକୁ ଆସିଥିଲେ ଓ ଯେଉଁମାନେ ମାଂସ ଭକ୍ଷଣ କରନ୍ତି ସେମାନେ କି ପ୍ରବୃତ୍ତିର ଲୋକ ହୋଇଥିବେ ? ମଣିଷ ନା ଅସୁର।

ସେ ଦିନର ଏକଥା ଆଜି ପର୍ଯ୍ୟନ୍ତ ମୋର ମନେଅଛି। ଆଜି ପ୍ରବଚନ ନୁହେଁ ବରଂ ଡାକ୍ତରଙ୍କ ପରାମର୍ଶକ୍ରମେ ମୁଁ ଆମିଷ ଭକ୍ଷଣରୁ ବଞ୍ଚିତ ହୋଇଛି। ବିଭିନ୍ନ ରୋଗ ଯୋଗୁଁ ମତେ ଏସବୁଥିରୁ କ୍ଷାନ୍ତ ହେବାକୁ ପଡ଼ିଛି ଓ ମୁଁ ଅନୁଭବ କରିପାରୁଛି ସମସ୍ତ ଜୀବନ୍ତ ଜୀବମାନଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ ଓ ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚିରହିବାର ଅଧିକାର ଅଛି। 'ଜୀବେ ଦୟା' ଏହା ଆମର ପ୍ରଧାନ ମନ୍ତ୍ର ହେବା ଦରକାର।

**ଅନୀତା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧାପିକା, ସିଡିଏ, କଟକ, ଦୂରଭାଷ: ୯୬୯୨୯୮୦୦୨୬**

## ଆଜିର ଅନୁଚିନ୍ତା

*ଶରୀର ନଶ୍ୱର ହେଲେ ମଧ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ

**ଅକ୍ଷୟ କୁମାର ରାଉତ**



**ଯୁ**ଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବ ଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତା'ର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମକରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

'ଆନନ୍ଦ ଭବନ'ରେ ଜବାହାରଲାଲ ଖୁସିରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ, ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକପ୍ରକାର ମୃତ୍ୟୁମୁଖରୁ ରକ୍ଷାପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ, ''ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ''-ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟିଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହେରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାହାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତାଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡାୟାର ସାହେବ ପଂଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୋଧ କଲା। ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତଦିନ ପରେ ତା'ର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭାଠାରେ କିଛିଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବାକାର୍ଯ୍ୟ ପାଇଁ ଜେନେଭା ପଠାଇଦେଲେ। ରୁଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନଠାରୁ ରୁଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ରୁଷରେ ଚାରିଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପଂଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀମାନେ ଜନସାଧାରଣଙ୍କୁ ଗୋରୁଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛିଦିନ ପରେ ମୃତ୍ୟୁମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍ ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରିଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖାକଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେଶନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ଦାବି କରାଯିବ।



ଏହି ଔପନିବେଶକବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେଶନକୁ ଗଲେନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ୍ୟ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ୍ତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧୀନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାରଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ରଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ' ମାସ ୫ ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକମାନଙ୍କ ଡାକରାରେ ଜବାହରଲାଲ କୃଷକମାନଙ୍କ ବୈଠକରେ ଯୋଗଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାରଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜବାହାର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜବାହାରଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜବାହାରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୬ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗାନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲକ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜବାହାରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ, କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବି କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜଙ୍କ ସହିତ ଆନନ୍ଦ ଭବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲିଗଲା। ତା' ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହଯୁଦ୍ଧରେ ବହୁ ନରନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଂଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଜବାହାରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ' ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

*-ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫*

# ମହାତ୍ମାଗାନ୍ଧୀ ଓ ତାଙ୍କ ଶିକ୍ଷକ

ଆଚରଣ ଓ ଉଚ୍ଚାରଣ
• • • ଦାସେ • • •

**ଗୋ**ଟେ କାହାଣୀ ଥିଲା। କାହାଣୀର ନାୟକ ମହାତ୍ମାଗାନ୍ଧୀ। ସେ ଥରେ ଗୋଟିଏ ଇଂରାଜୀ ଶବ୍ଦ ବନାନ୍ ଭୁଲ୍ ଲେଖିଥିଲେ ଜଣେ ପରିଦର୍ଶକଙ୍କ ପଚରା ଉତ୍ତାରେ ଓ ତାଙ୍କ ସାଙ୍ଗ ପିଲାଙ୍କ ଗହଣେ। ବନାନ୍‌ଟି ଭୁଲ୍ ହେବାରୁ ତାଙ୍କ ଶିକ୍ଷକ ତାଙ୍କ ପାଦକୁ ଚିପିଦେଇ ମାନେ ପ୍ରକାରାନ୍ତରେ ଠାରିଦେଇ କହିଥିଲେ, "ଖଞ୍ଜ କରି ଅନ୍ୟ ପିଲାଙ୍କ ଖାତାରୁ ଦେଖି ବନାନ୍‌ଟିକୁ ଠିକ୍ କରିନେ।" ଗାନ୍ଧିଜୀ ତାଙ୍କ ଶିକ୍ଷକଙ୍କ କଥା ମାନି ନଥିଲେ। ମାନିଥିଲେ ସେ ମହାତ୍ମାଗାନ୍ଧୀ ହୋଇ ପାରି ନ ଥା'ନ୍ତେ! କାରଣ ଦେଖୁନାହାଁନ୍ତି ମହାତ୍ମାଗାନ୍ଧୀଙ୍କ ପରେ ଆଉ ଦ୍ୱିତୀୟ ମହାତ୍ମାଗାନ୍ଧୀ ଗୁଜରାଟର ପୋରବନ୍ଦର କ'ଣ କେଉଁଠାରେ ବି ଜନ୍ମ ନେଇନାହାଁନ୍ତି! ମାତ୍ର ଶିକ୍ଷକମାନେ ଏବେ ପୁଳା ପୁଳା ଆମ ଶିକ୍ଷକ/ଶିକ୍ଷିକା, ଆମେ ଶିକ୍ଷକ/ଶିକ୍ଷିକା ଓ ମୁଁ ଶିକ୍ଷକ/ଶିକ୍ଷିକା ନାମ ନେଇ!

ମାଟ୍ରିକ୍ ପରୀକ୍ଷା ସରିଲା। ସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା କ'ଣ ବେସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା ତାଙ୍କ ପିଲାଙ୍କୁ ୫୦ ମାର୍କର ଏକାଧିକ ପସନ୍ଦର ଉତ୍ତରକୁ ୭ ମିନିଟ୍‌ରୁ ଆରମ୍ଭ କରି ୫୭ ମିନିଟ୍ ପର୍ଯ୍ୟନ୍ତ ଡ଼ାକିଛନ୍ତି। ଏବେ ଚାଲିଥିବା ଦ୍ୱାଦଶ (+୨) କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାରେ ଅବସ୍ଥା ମଧ୍ୟ ତଦ୍ରୂପ। ବାଡ଼ ଯଦି ଫସଲ ଖାଇଯିବ ତେବେ ଅବସ୍ଥା କ'ଣ ହେବ? କିଛି କିଛି ପାହାଡ଼ିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷିକାମାନେ ମଧ୍ୟ ସେହି ଏକପ୍ରକାର ଡ଼କାଡ଼କି କରୁଛନ୍ତି। ସବୁଠୁ ବଡ଼ କଥା ହେଲା ଏହିସବୁ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷିକାମାନେ କପି ଯୋଗାଇବା ପାଇଁ ଯଦିଓ 'ଆଦର୍ଶ ଶିକ୍ଷକ/ଶିକ୍ଷିକା'ର ମାନପତ୍ର ପାଇନାହାଁନ୍ତି, ତଥାପି ଛାତ୍ରଛାତ୍ରୀବତ୍ସଳ ବୋଲି ଆଦର୍ଶ ଶିକ୍ଷକ/ଶିକ୍ଷିକାର ମାନପତ୍ର ପାଇ ଘରେ ଟଙ୍ଗେଇ ଦେଇଛନ୍ତି। ଏଭଳି ମାନପତ୍ରର ନା ମାନ ଅଛି ନା ଏଭଳି ଆଦର୍ଶ ଶିକ୍ଷକ/ଶିକ୍ଷିକାଙ୍କର ଅଭାବ ଅଛି ଏ ଓଡ଼ିଶା ଭଳି ଶିକ୍ଷା ବିପର୍ଯ୍ୟସ୍ତ ଅଞ୍ଚଳରେ!

ପ୍ରବଳ ତାଗିଦ୍ ଓ ସଚେତନତା ସତ୍ତ୍ୱେ ମଧ ପାଠବିକାକେନ୍ଦ୍ରମାନଙ୍କରେ ସମୂହ କପି ଅଭିଯୋଗ ହୋଇଛି। 'ଏତେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଲେ', 'ଏତେ ପରୀକ୍ଷାର୍ଥୀ କପିକରି ଧରାପଡ଼ିଲେ', 'ବ୍ୟାପକ କପି', 'କପି ଯୋଗାଉଥିବା ପାଠବିକାଳୀ ସ୍କ୍ୱାର୍ଡ୍ ହାତରେ ଧରାପଡ଼ିଲେ', 'ପରୀକ୍ଷାରେ କପି ସମସ୍ତଙ୍କ ମୁଣ୍ଡବ୍ୟଥାର କାରଣ' ଏହିଭଳି ସବୁ ଶିରୋନାମାରେ ଖବର ଖବରକାଗଜମାନଙ୍କର ପୃଷ୍ଠା ମଣ୍ଡନ କରିଛି। ଏଭଳି ଶିରୋନାମା ଖବରକାଗଜରୁ ପଢ଼ି କିଛି ଲୋକ ଦୁଃଖିତ, ଚିନ୍ତିତ ଓ ବ୍ୟଥିତ । କିନ୍ତୁ ଯେଉଁମାନେ ଏହି କଳଙ୍କିତ କାର୍ଯ୍ୟର ଯୋଗାଡ଼ିଆ ଓ କଳଙ୍କିତ ନାୟକ ସେମାନେ ଦାନ୍ତ ନେଫେଡ଼େଇବାରେ ବ୍ୟସ୍ତ। ଏମିତି କିଛି ପାଠବିକାକେନ୍ଦ୍ର ବିଷୟରେ ଆଲୋଚନା କରିବା ଯେଉଁମାନେ ଆଉଟିକେ ଆଗକୁ ବଢ଼ି ପିଲାଙ୍କ ରଚନାରେ ସ୍ଥାନ ପାଇବା ପରିବର୍ତ୍ତେ ଖବରକାଗଜମାନଙ୍କର ନବକଳେବର ବୃଦ୍ଧି କରିଛନ୍ତି।

ଯେଉଁ ମଣିଷ ତିଆରି କାରଖାନାମାନ ଦିନେ ନିଜଠାରୁ ସୃଷ୍ଟିକରିଥିବା ଅଧ୍ୟାପକ, ଶିକ୍ଷକ, ଯନ୍ତ୍ରୀ ଇତ୍ୟାଦି ଇତ୍ୟାଦି ଲବ୍ଧପ୍ରତିଷ୍ଠିତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗର୍ବ କରୁଥିଲା, ଆଜି ସେହି ମନୁଷ୍ୟ-ତିଆରି କାରଖାନାମାନ କିଛି ମୁନାଫାଖୋର୍, ଅର୍ଥସର୍ବସ୍ୱ, କପିକରି ପାସ୍ କରି ପାଠବିକାକେନ୍ଦ୍ରମାନଙ୍କରେ ଭର୍ତ୍ତି ହୋଇଥିବା ପାଠବିକାଳୀ, ଚପରାଶି ଓ କିରାଣିମାନଙ୍କର କଳଙ୍କମୟ କଳାରେ କଳଙ୍କିତ। ସାମାନ୍ୟ ଟଙ୍କା ପାଇଁ ଯେତେବେଳେ କପିପ୍ରବଣ କେନ୍ଦ୍ରଗୁଡ଼ିକ ବାରମ୍ବାର ପରୀକ୍ଷା କେନ୍ଦ୍ର ହୋଇପାରୁଛି ସେଠାରେ ଦୋଷ କାହାର ତାହା ଜଳଜଳ ହୋଇ ଦେଖାଯାଉଛି। ସେ ପାଠବିକାଳୀମାନେ କେତେ ମହାନ୍ କହିଲେ ଯେଉଁମାନେ ନିଜ ଝିଅ, ପୁଅ ବା ଆତ୍ମୀୟର ପରୀକ୍ଷାରେ ଭଲ ହେବା ପାଇଁ ତାଙ୍କ ପାଠବିକାକେନ୍ଦ୍ରର ଅଲ୍‌ରାଉଣ୍ଡର୍ ପାଠବିକାଳୀଙ୍କୁ ନେଇ ତାଙ୍କ ଝିଅ, ପୁଅ ବା ଆତ୍ମୀୟ ବସିଥିବା ପ୍ରକୋଷ୍ଠରେ ଇନ୍‌ଭିଜିଲେଟର୍ ପକାଇ ପାରନ୍ତି! ଆଉ କିଛି ଧୌର୍ତ୍ତ ପାଠବିକାଳୀଙ୍କୁ ମାନିବାକୁ ହେବ ଯେଉଁମାନେ ଦଶନ୍ଧିରୁ ଅଧିକ ହେବ ଅବସର ନେଇସାରିଥିଲେ ମଧ୍ୟ ଏଯାବତ୍ ଆସି ନିର୍ଦ୍ଦିଷ୍ଟ ପାଠବିକାକେନ୍ଦ୍ରରେ ସିଟ୍ ପକେଇବାଠାରୁ ଆରମ୍ଭ କରି କିଏ ଲେଖିପାରିବନି ବୋଲି ତାକୁ ମିଛରେ ମିଳିମିଳା, ହାଡ଼ଫୁଟି ହୋଇଛି କହି ଅନ୍ୟ କାହାଦ୍ୱାରା ଲେଖାଇ ଦେଇପାରନ୍ତି ଓ କପି ଲେଖି ଯୋଗାଇବା କାର୍ଯ୍ୟରେ ନିୟୋଜିତ ହୁଅନ୍ତି! ସେମାନଙ୍କୁ ବି ଧନ୍ୟ କହିବ ଯେଉଁମାନେ ସାମାନ୍ୟ କେତେ ଟଙ୍କା ପାଇଁ ଏବଂ ତାଙ୍କ ଭଳି ଥୋଡ଼େ ଗଧ ସୃଷ୍ଟି କରିବା ପାଇଁ ନିଜର ଇଜ୍ଜତକୁ, ସମ୍ମାନକୁ ଏବଂ ମହତ୍‌ପଣିଆକୁ ବିକିଦେଇପାରୁଛନ୍ତି! ସେହି କେନ୍ଦ୍ର ଅଧୀକ୍ଷକ ମଧ୍ୟ ଧନ୍ୟବାଦାର୍ହ ଯେଉଁମାନେ କପି କରାଇବା, ଯୋଗାଇବା ଓ ଡ଼ାକିବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ଦାବିଦାର ଅଛନ୍ତି (ସେମାନେ ଅଭିଭାବକମାନଙ୍କଠାରୁ ମୋଟା ଅଙ୍କରେ ଅଙ୍କ ପକାଇ ସମସ୍ତଙ୍କ ସହ ସୁସଂପର୍କ ରକ୍ଷାକରି ନିଜେ ପ୍ରତି ପ୍ରକୋଷ୍ଠରେ ଯାଇ କପି ଡ଼ାକିପାରୁଛନ୍ତି! ଆଉ କିଛି କିଛି ମହାପାଠବିକାକେନ୍ଦ୍ରରେ ଥିବା ବିଜ୍ଞାନ ବିଭାଗର ପାଠବିକାଳିଗଣ ନଥିଲେ ବି ଅନ୍ୟକେଉଁଠାରୁ ପାଠବିକାଳୀ ମଗାଇ ବ୍ଲାକ୍‌ବୋର୍ଡ଼ ଅପରେସନ୍ ମଧ ନିଜେ କରୁଛନ୍ତି! ନିଜ ବିଷୟରେ ମଧ ଯେହେତୁ ଅଧକ୍ଷ ପଢାନ୍ତି ନାହିଁ, ଅନ୍ୟ ଯଜମାନିମାନେ ପଇସା ମାରି ଖାଇବାରେ ବ୍ୟସ୍ତ ଯୋଗୁଁ! କେମିତି ବେଶି ଡ଼ାକି ବ୍ୟକ୍ତିଗତ ସାହାଯ୍ୟ କରିପାରିବେ ସେହି ଯୋଜନାରେ ବ୍ୟସ୍ତ ରୁହନ୍ତି!)!

ଧନ୍ୟ ମଧ କହିବ କିଛି କିଛି କେନ୍ଦ୍ର ଅଧୀକ୍ଷକ, କେନ୍ଦ୍ର ଉପ-ଅଧୀକ୍ଷକ, କିରାଣି ଓ ପାଠବିକାଳୀଙ୍କୁ, ଯିଏ ଗାନ୍ଧାରୀ ପରି ଅନ୍ଧପୁଟୁଳି ବାନ୍ଧି କପିକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିଲେ, କପିଗୁଡ଼ିକୁ ଏ ପ୍ରକୋଷ୍ଠରୁ ସେ ପ୍ରକୋଷ୍ଠକୁ ନେଇ ଦୌଡ଼ି ଦୌଡ଼ି ବାଣ୍ଟୁଥିଲେ, ଡାକି ଦେଉଥିଲେ ଏବଂ ନେହୁରା ହୋଇ କପି କାହାପାଖରେ ଅଛି ଦେଇଦିଅ ବୋଲି ମାଗୁଥିଲେ। ସାବାସି ମଧ୍ୟ ଦେବ ଚପରାଶିଗଣଙ୍କୁ ଯେଉଁମାନେ (ଅନ୍ୟଦିନମାନଙ୍କରେ ପାଠବିକାକେନ୍ଦ୍ରରେ ଅନୁପସ୍ଥିତ ରହନ୍ତୁ ପଛେ କିନ୍ତୁ ପରୀକ୍ଷା ଦିନମାନଙ୍କରେ ପଡ଼ିଉଠି ରାତିଦିନ ରୁହନ୍ତି ପରୀକ୍ଷା-କେନ୍ଦ୍ରରେ!) କପି ଯୋଗାଡ଼ ଓ କପିଦେବା କାମରେ ନିଜକୁ ନିୟୋଜିତ କରିଥିଲେ ସୂତା କିମ୍ବା ପାଣିଦେବା ପରିବର୍ତ୍ତେ! ଅଭିଭାବକମାନେ ମଧ୍ୟ ପ୍ରଶଂସାର ପାତ୍ର କର୍ମକ୍ଷେତ୍ରକୁ ନଯାଇ ସୁଯୋଗ୍ୟ ବାପ ହିସାବେ କପି ଯୋଗାଡ଼ କରିବା ନିମିତ୍ତେ!

ଆମ ଛୋଟ ମଗଜରେ ଗୋଟେ ଛୋଟ ଚିନ୍ତାଟିଏ ଢୁକୁଛି। ଏହା ଉଭୟ ପରିଷଦବାଲାଙ୍କ କାମରେ ଲାଗିବାରେ ଆଦୌ ଅସୁବିଧା ହେବନାହିଁ ଯଦି ସେମାନେ ଏ ଚିନ୍ତାଟିକୁ କାର୍ଯ୍ୟକାରୀ କରିବେ। ଯେତେ ପରୀକ୍ଷାକେନ୍ଦ୍ର ହେବ ସବୁ ପରୀକ୍ଷାକେନ୍ଦ୍ରରେ ଅଧୀକ୍ଷକମାନେ ଶିକ୍ଷା ବିଭାଗ ତରଫରୁ ନିଯୁକ୍ତି ପାଇବେ ଏବଂ ସେମାନେ ସେ କେନ୍ଦ୍ରରେ ପରୀକ୍ଷାର ଦୁଇଦିନ ପୂର୍ବରୁ ଆସି ପରୀକ୍ଷା ସରିବାଯାଏଁ ରହିବେ। ଯେଉଁ ଯେଉଁ କେନ୍ଦ୍ରମାନଙ୍କରେ ରାତ୍ରରହଣୀର ଅସୁବିଧା ଅଛି ସେଠାରେ ପରୀକ୍ଷା କେନ୍ଦ୍ର ହେବ ନାହିଁ। ଏହାଦ୍ୱାରା ନିଶ୍ଚିତ ଭାବରେ କେନ୍ଦ୍ରରେ ଥିବା ଅନ୍ୟମାନଙ୍କର ଅଧୀକ୍ଷକଙ୍କୁ ଡର ରହିବ ଓ କପିର ପ୍ରଭାବ କମିଯିବ। ନାହିଁତ ତ୍ରିସ୍ତରୀୟ ଛାଡ଼ି ପାଞ୍ଚସ୍ତରୀୟ କପିରୋକା ବ୍ୟବସ୍ଥା କଲେ ମଧ କପିକୁ ରୋକାଯାଇପାରିବନି; ବରଂ ନିଜ ପିଲା ନିଜ ପାଠବିକାକେନ୍ଦ୍ରରେ ପରୀକ୍ଷା ଦେବାର ଫାଇଦା ଉଠାଇବେ। କପି ରୋକାଯାଇପାରିବ; ମାତ୍ର ପାଠବିକାଳୀଙ୍କ ଦ୍ୱାରା ଡାକିବା ରୋକାଯାଇ ପାରିବ ତ? ରୋକାଯାଇପାରିବ ଯଦି ସ୍କ୍ୱାର୍ଡ଼ିଂ ତିନି ଘଣ୍ଟିଆ ହେବ। ଏଠିକି ଛୁଇଁ ସେଠିକି ଯାଇ ବୁଲି ପଳାଇଲେ କପିକୁ ରୋକାଯାଇପାରିବ ନାହିଁ।

ଶିକ୍ଷାବିଭାଗର ସଚିବମାନେ ସିନା ଭଲପାଠ ପଢିଛନ୍ତି ବୋଲି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହୋଇ ତାଙ୍କ ଦୃଷ୍ଟିରେ ଶିକ୍ଷାବିଭାଗକୁ ଦେଖୁଛନ୍ତି; ମାତ୍ର ଦୁଃଖର କଥା ଶିକ୍ଷା ବିଭାଗ ଏବେ ପ୍ରାୟ ନିରୋଳା ଗଧମାନଙ୍କ ଆଶ୍ରୟସ୍ଥଳ ହୋଇଛି। ଯେନତେନ ପ୍ରକାରେଣ କପିଟପି କରି ଶିକ୍ଷାବିଭାଗକୁ ମାଡ଼ିବସିଛନ୍ତି ଦଳେ ମୂର୍ଖ; ଯାହାର ପରିଣାମ ଏବେ ସବୁପ୍ରକାର ସଚେତନତା ସତ୍ତ୍ୱେ ସମୂହ କପି ଅଭିଯୋଗ ଭାବେ ପ୍ରକାଶିତ । ନା, କ'ଣ କହୁଛନ୍ତି ଆଜ୍ଞା?




# ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ପ୍ରତିଯୋଗିତା

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଏନ .ଏସ .ଏସ, ମାଲକାନଗିରି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଗାମୀ ୩୧.୫.୨୨ ରିଖ ରେ ପାଳିତ ହେବାକୁ ଥିବା ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ମାଲକାନଗିରି ମହାବିଦ୍ୟାଳୟ ପରିସର ମଧ୍ୟରେ ଜିଲ୍ଲା ସ୍ତରୀୟ ଡ଼ିବେଟ, ସ୍ଲୋଗାନ ଓ ଚିତ୍ରକଳା ପ୍ରତିଯୋଗିତା ତମାଖୁ ସେବନ ପରିବେଶ ପ୍ରତି ବିପଦ ପ୍ରସଙ୍ଗ ଉପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାବିଦ୍ୟାଳୟର ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡ଼. ରଞ୍ଜନ କୁମାର ସ୍ୱାଇଁ ସମସ୍ତ ପ୍ରତିଯୋଗୀ ଓ ମଂଚାସୀନ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ତମାଖୁ ସେବନର ଭୟାବହତା ଉପରେ ସମସ୍ତଙ୍କୁ ସଚେତନ କରିବା ସହ ଯୁବ ଗୋଷ୍ଠି ମାଧ୍ୟମରେ ସମାଜରୁ କିପରି ତମାଖୁ ସେବନ ନିଷିଦ୍ଧ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ତ ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ଭାବେ ମାଲକାନଗିରି ନେହେରୁ ଯୁବକେନ୍ଦ୍ରର ସଂଯୋଜକ ହରୀସ ରୂପାଲ, ଜିଲ୍ଲା ମହାମାରୀ ବିଶେଷଜ୍ଞ ଦୁର୍ଗାପ୍ରସାଦ ରାଜ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମହାରଣା ଯୋଗଦାନ କରିଥିବା ବେଳେ ମହାବିଦ୍ୟାଳୟର ଏନ .ଏସ .ଏସର ଡି. ପି .ଓ ନମିତା ଦଣ୍ଡସେନା, ପ୍ରୋଗ୍ରାମ ଅଫିସର ପ୍ରମିୟ କୁମାର ମହାନ୍ତି, ଏନ .ସି.ସି ଅଫିସର ସୁଶାନ୍ତ କୁମାର ମାଝୀ, ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ଼. ଚକ୍ରପାଣି ସାହୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଣ ସଂକ୍ରମକ ରୋଗ ପରିଚାଳକ ଶିବସୁନ୍ଦର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ଆଗାମୀ ୩୧.୫.୨୨ ରିଖରେ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି ନାମ ଘୋଷଣା କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଭାକାନ୍ତି ଗରଡ଼ା ପ୍ରଥମ ଓ ପୁଷ୍ପା ମୁର୍ମୁ ଦ୍ୱିତୀୟ, ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ବାବୁଲା ପାଙ୍ଗୀ ତୃତୀୟ ସ୍ଥାନ, ଚିତ୍ରକଳା ପ୍ରତିଯୋଗିତାରେ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ରାଜେଶ ବାଇନ ପ୍ରଥମ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ନେହା ସାହୁ ଦ୍ୱିତୀୟ, ମାଲକାନଗିରି ମହାବିଦ୍ୟାଳୟର ଈଶ୍ୱର ସୋଡି ଓ ଡାରଉଇନ ମେମୋରିଆଲ କଲେଜ, କୁଡୁମୁଲୁଗୁମ୍ମାର ଦୀନବନ୍ଧୁ ଗୋଲରୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଡ଼ିବେଟ ପ୍ରତିଯୋଗିତାରେ ମାଲକାନଗିରି ମହାବିଦ୍ୟାଳୟର କାବ୍ୟା ମୁର୍ମୁ ପ୍ରଥମ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜ୍ୟୋତି ସୋରେନ ଦିତୀୟ ଓ ସ୍ନେହୀତା ବୈଦ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜୁନ୍ ୧୮ ରେ କୋଶଳ ଆନ୍ଦୋଳନ ବିଚାର ମନ୍ଥନ ପାଇଁ ବରଗଡ଼ ଠାରେ ଜିଲ୍ଲା ମାନଙ୍କର ସମ୍ମିଳନୀ

ବଲାଙ୍ଗିର, (ପି.ଏନ): କରୋନା ମହାମାରୀ ପାଇଁ ଭାରତବର୍ଷରେ ପ୍ରାୟତଃ ସବୁ ଜନଆନ୍ଦୋଳନ କ୍ଷତିଗ୍ରସ୍ତ ହୋଇଛି । କୋଶଳ ଆନ୍ଦୋଳନ ସାମୟିକ ଭାବରେ ଧିମେଇ ଯାଇଥିଲା । କିନ୍ତୁ ଏ ଭିତରେ ଘଟିଥିବା କିଛି ଘଟଣାବଳୀ ପ୍ରମାଣିତ କରିଛି ଯେ କୋଶଳ ଆନ୍ଦୋଳନ ଯଦି ପୁଣି ଥରେ ସଂଗଠିତ ହୋଇ ବିରାଟ ରୂପ ଧାରଣ ନ କରିବ ତେବେ କୋସଳାଂଚଳର ଦୁଇକୋଟି ଜନସାଧାରଣଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ । କରୋନା ଭଳି ଏକ ବିଶ୍ୱ ମହାମାରୀ ବିରୁଦ୍ଧରେ ଲଢ଼ିବା ପାଇଁ ଯେତେବେଳେ ସାରା ବିଶ୍ୱ ତତ୍ପର ହେଉଥିଲା ସେହି ସମୟରେ କେବଳ ସେ ମହାମାରୀକୁ ଯେ ଓଡ଼ିଶା ସରକାର ଏକ ବ୍ୟବସାୟରେ ପରିଣତ କରିଥିଲେ ତା'ନୁହେଁ, ମହାମାରୀ ବିରୁଦ୍ଧରେ ଲଢ଼ିବା ପାଇଁ ଯେଉଁ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଦାନ କରିବାର ଆବଶ୍ୟକତା ଥିଲା ତାହା ପ୍ରଦାନ କ୍ଷେତ୍ରରେ ମଧ ରାଜ୍ୟ ସରକାର କୋସଳାଚଂଳ ପ୍ରତି ଆଂଚଳିକ ବୈଷମ୍ୟ ପ୍ରଦର୍ଶନ କରିଥିଲେ । ଖାଲି ସେତିକି ନୁହେଁ ଠିକ୍ କରୋନା କାଳ ସୁଯୋଗ ନେଇ ବେଆଇନ୍ ଭାବରେ ରାଜ୍ୟ ସରକାର "ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେଇଦେଲେ । କରୋନା କଟକଣା ସତ୍ୱେ ସାରା କୋସଳାଚଂଳରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାସତ୍ୱେ ରାଜ୍ୟ ସରକାର ବ୍ରିଟିଶ ଢ଼ାଂଚାରେ ଏହାକୁ ଲାଗୁ କରିଥିଲେ । ସବୁଠାରୁ ବଳି ଦୁଃଖର ବିଷୟ ଏହିକି ଯେ, ରାଜ୍ୟର ଅନ୍ୟ ପ୍ରମୁଖ ରାଜନୈତିକ ଦଳମାନେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୀରବ ସମର୍ଥନ ଦେଇଥିଲେ । ଏବେ ଏହି ପରିପ୍ରେକ୍ଷିରେ ହାଇକୋର୍ଟ ବେଂଚ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ବାର ଏସୋସିଏସନ୍ ର ପ୍ରତିକ୍ରିୟା ଓ ତା'ଉପରେ ରାଜ୍ୟ ସରକାର ଓ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ମାନଙ୍କର ନୀରବତା କୋଶଳାଚଂଳ ପ୍ରତି ଉପକୂଳ ଓଡ଼ିଶାବାସୀ, ଓଡ଼ିଶା ସରକାର ଓ ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳମାନଙ୍କର ପ୍ରକୃତ ଚେହେରାକୁ ଉଜାଗର କରିଛି । ଗଲା ଚାରି ଦଶକରୁ ଉର୍ଦ୍ଧ୍ୱ ହେଲା ହାଇକୋର୍ଟ ବେଂଚ ଦାବୀକୁ ରାଜ୍ୟ ସରକାର ଯେଉଁଭଳି ଭାବରେ ବିଭାଜିତ କରି ଚପାଇ ଦେଲେ, ପାଲ କମିଶନ ରିପୋର୍ଟକୁ ଡଷ୍ଟବିନକୁ ଫୋପାଡ଼ି ଦେଲେ, ଜଷ୍ଟିସ୍ ଯଶବନ୍ତ ସିଂ କମିଶନ ରିପୋର୍ଟକୁ ଉପେକ୍ଷା କଲେ ତଥା କେବଳ ଚିଠି ଖଣ୍ଡେ ଲେଖିଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି ।ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ସ୍ୱତନ୍ତ୍ର କୋସଳପ୍ରଦେଶ ଗଠନ ବିନା ଏ ଅଂଚଳର ବିକାଶ ଅସମ୍ଭବ । ଏଥି ପୂର୍ବରୁ ସମାନ ଢ଼ାଂଚାରେ ରାଜ୍ୟ ସରକାର ଏ ଅଂଚଳର ବୃହତ୍ ଚାଷୀ ଆନ୍ଦୋଳନ, ଆଦିବାସୀ ଆନ୍ଦୋଳନ, ଯୁବଛାତ୍ର ଆନ୍ଦୋଳନ ଓ ଅନ୍ୟାନ୍ୟ ଆନ୍ଦୋଳନକୁ କେବଳ ଦମନ କରିଚାଲିଛନ୍ତି । ଏଣୁ ଏକ ମୁକ୍ତ, ଶକ୍ତ ଓ ବିକଶିତ ବାତାବରଣରେ ବଂଚିବାକୁ ହେଲେ କୋସଳାଚଂଳର ଜନସାଧାରଣଙ୍କୁ ଏକତ୍ରିତ ହୋଇ ୫ କୋସଳ ପ୍ରଦେଶ ପାଇଁ ଲଢ଼ିବାକୁ ହେବ । ତେଣୁ କୋସଲ ରାଜ୍ୟ ସମନ୍ୱୟ ସମିତି ନିର୍ଦ୍ଧାରିତ କରିଛି ଯେ, ସମସ୍ତ ଛୋଟବଡ଼ କୋସଲବାଦୀ ସଂଗଠନ, ଜାତି ସଂଗଠନ ତଥା ସାମାଜିକ ସଂଗଠନମାନଙ୍କୁ ଏକ ସଂଯୁକ୍ତ ବେନର୍ ତଳେ ରଖି ଏକ ବୃହତର କୋସଳଆନ୍ଦୋଳନ ପୁଣିଥରେ ଠିଆ କରାଯିବ । ଏଥିପାଇଁ ଆଗାମୀ ଜୁନ୍ ୧୮ ତାରିଖରେ କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ସମସ୍ତ କୋସଲବାଦୀମାନଙ୍କୁ ନେଇ ଏକ ବିଚାର ମନ୍ଥନ ବୈଠକ ବରଗଡ଼ ଠାରେ କରାଯିବ । ଏହାପରେ କୋଶଳ ଆନ୍ଦୋଳନ ଓ କୋସଳ ଯୁବ ଆନ୍ଦୋଳନକୁ ଏକ ବୃହତ୍ ରୂପ ଦେଇ ବୈଜ୍ଞାନିକ ଢ଼ାଂଚାରେ ଆନ୍ଦୋଳନର କାର୍ଯ୍ୟକ୍ରମକୁ ସଂଚାଳିତ କରାଯିବ । ସଂଗଠିତ କୋସଳ ଆନ୍ଦୋଳନ ୧୯୯୮ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ୭୨ଟି ସାମାଜିକ, ସାଂସ୍କୃତିକ ସଂଗଠନକୁ ନେଇ "କୋସଲୀ ଏକତା ମଂଚ' ନାମରେ ଚାଲିଥିଲା । ୨୦୦୭ ମସିହାରେ କୋସଳ ଆନ୍ଦୋଳନର ଏକ ରାଜନୈତିକ ରୂପ ରୂପେ" କୋସଲ କ୍ରାନ୍ତି ଦଳ'(କେକେଡ଼ି)ତିଆରି ହୋଇଥିଲା । ପରିଶେଷରେ ୨୦୧୩ ମସିହାରେ ସମସ୍ତଙ୍କୁ ନେଇ କୋସଲ ରାଜ୍ୟ ସମନ୍ୱୟ ସମିତି ଗଠନ ହେଲା ପରେ ୨୦୧୩ରୁ ୨୦୧୬ ମଧ୍ୟରେ ଲାଗ୍ ଲାଗ୍ ଚାରୋଟି ମହା ବନ୍ଦ ମଧ୍ୟରେ କୋସଲ ଆନ୍ଦୋଳନ ହଠାତ୍ ଗତିଶୀଳ ହୋଇଯାଇଥିଲା । ଏହାପରେ ସାମୟିକ ଭାବରେ ଆତ୍ମଘାତି ହମଲା ମାଧ୍ୟମରେ କୋସଲ ଆନ୍ଦୋଳନକୁ ବିଭାଜିତ କରିବା ପାଇଁ ବିଧିବିଦ୍ଧ ଉଦ୍ୟମ କରାଯାଇଛି । ସେଥିରେ ଉପକୂଳ ପ୍ରଶାସନର ନିର୍ଦ୍ଦେଶରେ ଏ ଅଂଚଳର କିଛି ରାଜନୈତିକ ନେତା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ମୁଖ୍ୟତଃ କୋସଲର ଯୁବ ଆନ୍ଦୋଳନକୁ ବିଭାଜିତ କରିବା ପାଇଁ କୋଶଳର ନେତୃତ୍ୱକୁ ମିଛ କଥା କହି ବଦନାମ କରିବାକୁ ତଥା ସାମାଜିକ ଗଣମାଧ୍ୟମରେ ଭୁଲ ତଥ୍ୟ ପରିବେଷଣ କରିବା ଦିଗରେ ଯଥେଷ୍ଟ ଉଦ୍ୟମ କରାଯାଉଛି । ଏଥିପାଇଁ ଭୁବନେଶ୍ୱରରୁ ଏ ଅଂଚଳରେ ଅନେକ ଅର୍ଥ ବିନିଯୋଗ କରାଯାଉଛି ଏବଂ ଦୁର୍ବଳ ମାନସିକତା ଥିବା କିଛି ବୁଦ୍ଧିଜୀବୀ, ଯୁବକ ଓ ନିର୍ବାସିତ ରାଜନେତାଙ୍କୁ ନେଇ ଏଭଳି ହୀନ ଉଦ୍ୟମ କରାଯାଉଛି । କୋସଲ ରାଜ୍ୟ ସମନ୍ୱୟ ସମିତି ନିଷ୍ପତି କରିଛି ଯେ, ଏଭଳି ପ୍ରସାରରେ ଜଡ଼ିତ ଥିବା ବ୍ୟକ୍ତି ବିଶେଷମାନଙ୍କୁ ସମୁଚିତ ଜବାବ ଦିଆଯିବ ଏବଂ ଆଲୋଚନା ମାଧ୍ୟମରେ ଛୋଟ ଛୋଟ କୋସଲବାଦୀ ସଂଗଠନମାନଙ୍କୁ ଗୋଟିଏ ସୂତାରେ ଯୋଡ଼ି ଏକ ବିଶାଳ ତଥା ସଂଯୁକ୍ତ କୋସଲ ଆନ୍ଦୋଳନ ପ୍ରସ୍ତୁତ କରାଯିବ । ଯେଉଁମାନେ ବାସ୍ତବରେ କୋସଳ ପ୍ରତି ସମର୍ପିତ ସେମାନେ ନିଶ୍ଚିତ ରୂପେ ଏହି ମହତ୍ ପ୍ରୟାସରେ ସହଯୋଗ କରିବେ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ଆଶା ପ୍ରକାଶ କରୁଛି ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲିଟି ଟାଉନହଲ ଠାରେ ଅତିଥି ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିରଟି ଉଦଘାଟିତ ହୋଇଥିଲା। କେୟାର ହସ୍ପିଟାଏଲ,ଭୁବନେଶ୍ୱର ସହଯୋଗରେ ଅନୁଷ୍ଠିତ ଶିବିରରେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୃଦରୋଗ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ଯୋଗଦାନ କରି ଶତାଧିକ ରୋଗୀଙ୍କର ହୃଦରୋଗ ପରୀକ୍ଷା କରିଥିଲେ। ସରକାରୀ ଓକିଲ ସଂଜୟ କୁମାର ଜେନାଙ୍କ ସଂଯୋଜନାରେ ଏହି ଉତ୍ସବରେ ମାନ୍ୟବର ବିଧାୟକ ଶଶିଭୂଷଣ ବେହେରା, ମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଜିଲ୍ଲା ପରିଷଦ ଅଧକ୍ଷା ଗାତାଞ୍ଜଳୀ ସେଠୀ, ପୌରୋ ପରିଷଦର ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟ ଓ ସମାଜସେବୀ ଭଗବାନ ବିଶ୍ୱାଳ ଯୋଗଦାନ କରି କହିଲେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ସାଧାରଣ ଲୋକମାନଙ୍କ ଲାଗି ବରଦାନ ସଦୃଶ। ଏହି ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ମହେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କୁ "କେନ୍ଦ୍ରାପଡା ଜିଲ୍ଲା ରତ୍ନ ସମ୍ମାନରେ" ସମ୍ମାନିତ କରାଯାଇଥିବା ବେଳେ ଶିକ୍ଷାବିତ ନନ୍ଦ କିଶୋର ପରିଡା, ଡ଼ ବାସୁଦେବ ଦାସ, ବିପିନ ବିହାରୀ ବାରିକ, ବିଦ୍ୟାଧର ବେହେରା ଓ କୈଳାସ ଚନ୍ଦ୍ର ସେଠୀ, ସମତେ ଚିକିତ୍ସା କରିବାକୁ ଆସିଥିବା ୧୦ ଜଣ ଡାକ୍ତରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏବଂ କମିଟିର ସଦସ୍ୟ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ରମଣୀ ରଞ୍ଜନ ରାଉତରାୟ,ନିରଞ୍ଜନ ମେକାପ, ନିରାକାର ସ୍ୱାଇଁ ଓ ପ୍ରଦୀପ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

## ଆଉ ଏକ ଦନ୍ତାହାତୀର ମୃତଦେହ ଠାବ, ହରଡ଼ଘଣାରେ ପଡିଛି ବନ ବିଭାଗ

ବୌଦ୍ଧ, (ପି.ଏନ): ହାତୀ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ମାତ୍ର ହାତୀ ସୁରକ୍ଷିତ ନୁହନ୍ତି। ବୌଦ୍ଧ ଜିଲାରେ ଏବେ ମାତିଛନ୍ତି ହାତୀ ଶିକାରୀ, ବନ ବିଭାଗ କର୍ମଚାରୀଙ୍କ ସହାୟତାରେ କରୁଛନ୍ତି ଦାନ୍ତ ହାତୀ ଶିକାର। ଲୁଟି ନେଉଛନ୍ତି ହାତୀଦାନ୍ତ। ଦୁଇ ଦିନ ମଧ୍ୟରେ କେବଳ ବଘିଆପଡା ସେକ୍ସନରେ ଦୁଇଟି ଦନ୍ତା ହାତୀଙ୍କ ମୃତଦେହ ଠାବ କରାଯାଇଛି। ଦୁଇ ଦିନ ତଳେ ଭୁର୍କୀପଡ଼ା ଜଙ୍ଗଲରୁ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଥିଲା। ଏହି ଘଟଣାକୁ ନେଇ ବିଭାଗୀୟ ମନ୍ତ୍ରୀ ଗତକାଲି ସନ୍ଧ୍ୟାରେ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ କାଲି ରାତିରେ ଆଉ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ବଘିଆପଡା ସେକ୍ସନ ବାଙ୍କମୁଣ୍ଡି ସଂରକ୍ଷିତ ଜଙ୍ଗଲର କମ୍ପାଟମେଣ୍ଟ ନମ୍ବର ୮ ରେ ଦାନ୍ତ ବିହୀନ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଦାନ୍ତ କାଟି ନେଇଛନ୍ତି ଶିକାରୀ । ରାତିଅଧିଆ ହାତୀର ମୃତଦେହକୁ ବ୍ୟବଚ୍ଛେଦ କରିବା ସହ ପୋତି ଦେଇଛି ବନବିଭାଗ । ଘଟଣାସ୍ଥଳରେ ହାତୀ ଦେହର କିଛି ମାଂସ ଓ ହାଡ଼ ପଡିଥିବା ଦେଖିବାକୁ ମିଳିଛି । ସେହିଭଳି ପୋତିବାରେ ବ୍ୟବହୃତ ଲୁଣ ଓ ଫିନାଇଲ ପାଖରେ ପଡିଥିବା ଦେଖିବାକୁ ମିଳିଛି। ଗୋଟିଏ ଦନ୍ତା ହାତୀର ଦାନ୍ତ ଓ ଶିକାରିଙ୍କୁ ବନବିଭାଗ ଖୋଜିବାରେ ଅକ୍ଷମ ଥିବାବେଳେ ଆଜି ଆଉ ଏକ ଦନ୍ତାହାତୀର ମୃତଦେହ ମିଳିବା ବନ ବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି ।

## ଫୁଲବାଣୀର ୧୦ ଜଣ କିକ୍ ବକ୍ସିଂ ଖେଳାଳି ଜାତୀୟ ସ୍ତରରେ ଖେଳିବାକୁ କଲିକତା ଯିବେ

କନ୍ଧମାଳ, (ପି.ଏନ): ଢେଙ୍କାନାଳ ଜିଲ୍ଲା ସଦର ମହକୁମା ଠାରେ ଗତ ୨୦ ତାରିଖରୁ ଦୁଇ ଦିନ ଧରି କନିଷ୍ଠ ବର୍ଗର ରାଜ୍ୟ ସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ଶେଷ ହୋଇଯାଇଛି । ଏହି ପ୍ରତିଯୋଗିତା ୧୦ ରୁ ୧୫ ବର୍ଷ ବୟସର ପିଲାଙ୍କୁ ନେଇ ଗତ ୨୦ ତାରିଖରେ ଆରମ୍ଭ ହୋଇଥିଲା ।ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାରୁ ୧୨ ଜଣ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ପ୍ରତିଯୋଗୀ ରାଜ୍ୟ ସ୍ତରରୁ ଜାତୀୟ ସ୍ତର ପାଇଁ ମନୋନୀତ ହୋଇଥିବା ଜଣାପଡିଛି ।ଏହି ୧୦ ଜଣ ପ୍ରତିଯୋଗୀ ଆସନ୍ତା ୨୦ ତାରିଖରେ ଜାତୀୟ ସ୍ତର ପ୍ରତିଯୋଗିତା ପାଇଁ ପଶ୍ଚିମବଙ୍ଗର ରାଜଧାନୀ କଲିକତା ଠାରେ ହେବାକୁ ଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ପାଇଁ ବଛା ଯାଇଛନ୍ତି।

2021-2022
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# କେନ୍ଦୁଝର ସହରରେ ପାନୀୟଜଳ ପାଇପ ବିଛାରେ ବ୍ୟାପକ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବୀ କଲା ବିଜେପି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ପକାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ କରିଛି ବିଜେପି। ବିଭାଗ ପକ୍ଷରୁ ପାଣି ପାଇପ ବିଛା କାମ ପାଇଁ ଟେଣ୍ଡର ଆହ୍ୱାନ କରାନଯାଇ ଗୁପ୍ତ ଟେଣ୍ଡର କରାଯାଇ କାମ ବାଣ୍ଟି ଦିଆଯାଇଛି। କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ, ଏସଟି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାୟକ, ବିଜେପି କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର,ଜିଲ୍ଲା ବିଜେପି ସମ୍ପାଦକ ଶିବ କୁମାର ରାଠୋର,ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାଶ,ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ନାୟକ ପ୍ରମୁଖ ଭିଜିଲାନ୍ସ ଡିଏସପି ଦୈତାରୀ ଘଡେଇ ଙ୍କୁ ଭେଟି ଏହାର ତଦ' ଦାବୀ କରିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ଟି ଗୁପ୍ତ ଟେଣ୍ଡର କରାଯାଇ କିଛି ଠିକାଦାରଙ୍କୁ ମିଟର ପିଛା ୨୦୦ ଟଙ୍କା ଅଧିକ ପଇଠ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳି ପାଇପ ବିଛାଇବା ପାଇଁ ସରକାରୀ ଅର୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ ବା ପିଏଚଇଡିକୁ ଆସିଥିବାବେଳେ ଏଥିପାଇଁ ଲାଗିଥିବା ପାଇପକୁ ସରକାରୀ ଭାବେ କିଣାଯାଇ କେବଳ ବିଛାଇବା ପାଇଁ ଛୋଟ ଛୋଟ ଟେଣ୍ଡର କରାଯାଇଥିଲା,ଯେଉଁ ଟେଣ୍ଡର ଅନଲାଇନ ମାଧ୍ୟମରେ ବା ଇ-ଟେଣ୍ଡର ମାଧ୍ୟମରେ କରା ନ ଯାଇ ନିଜର ଠିକାଦାରଙ୍କୁ କାମ ଦେବା ପାଇଁ ଅଫିସ କାର୍ଯ୍ୟାଳୟର ଟେଣ୍ଡର କରାଯାଇ ସମ୍ପାଦିତ କରାଯାଇଥିଲା। ତେବେ ଏହି ୧୦୦ଏମଏମ ଗୋଳେଇ ଥିବା ଏଚଡିପିଇ ପାଇପ ବିଛାଇବା ସକାଶେ ପ୍ରତି ମିଟରର ଦର ୧୩୫ଟଙ୍କା ୭୦ ପଇସା ଥିବାବେଳେ କେବଳ ଗୋଟିଏ ବିଲରେ ଏହି ଦର ପ୍ରଦାନ କରାଯାଇ ଅନ୍ୟ ସମସ୍ତ ବିଲରେ ୩୩୬ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ପ୍ରାୟ ୭ରୁ ଉର୍ଦ୍ଧ ବିଲରେ ଏହି ବର୍ଦ୍ଧିତ ଦର ପ୍ରଦାନ କରାଯାଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଏହି ବିଲ ଗୁଡିକ ପାଖାପାଖି ତାରିଖରେ ପ୍ରଦାନ କରାଯାଇଛି। ବରଂ ପରବର୍ତ୍ତୀ ତାରିଖରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିଲରେ କମ ପରିମାଣ ଦିଆଯାଇଥିବାବେଳେ ପୁରୁଣା ତାରିଖରେ ୱାର୍କଅର୍ଡର ପାଇଥିବା ଠିକାଦାରମାନଙ୍କୁ ଅଧିକ ତିନିଗୁଣା ଦରରେ ବିଲ ପ୍ରଦାନ କରାଯାଇଛି। ଏହି ଏଚଡିପିଇ ପାଇପ କେନ୍ଦୁଝର ଶ୍ରୀ ଅରବିନ୍ଦ ବିଦ୍ୟାଳୟ ନିକଟରେ ଥିବା ପିଏଚଇଡି କାର୍ଯ୍ୟାଳୟରୁ ପରିବହନ, ଗାତଖୋଳା, ପାଇପ ଲଗାଇବା ପାଇଁ ଏହି ଦର ପ୍ରଦାନ କରାଯାଇଛି। ସାତସିଙ୍ଗା ସରସ୍ୱତୀ ଶିଶୁମନ୍ଦିର ନିକଟ, କମାରଗୋଡା ହୁଡି ସାହି, ବଣିଆପାଟ ମୁଣ୍ଡା ସାହି, ଏଗ୍ରିକଲଚର କଲୋନୀ, ଏଲଆଇସି କଲୋନୀ, ବିଗ ବଜାର ନିକଟରେ ଥିବା ଗଳିରେ ଏହି କାର୍ଯ୍ୟରେ ୩୩୬ଟଙ୍କା ୪୦ ପଇସା ପ୍ରତି ମିଟର ପାଇଁ ପ୍ରଦାନ କରାଯାଇଛି। ପାଇପ ବିଛାଇବା ପାଇଁ ଶ୍ରମିକ ମଜୁରୀ ବାବଦରେ ଜଣେ ଠିକାଦାର ରାଜେନ୍ଦ୍ର ନାରାୟଣ ସେଠୀ ଙ୍କୁ ମିଟର ପ୍ରତି ୧୩୫ ଟଙ୍କା ୭୦ ପଇସା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଠିକାଦାର ବିପିନ ରାଉତ ଏବଂ ଅଖେଶଜି ଜେନାଙ୍କୁ ୩୩୬ ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ସମାନ କାମକୁ ୨୦୦ ଟଙ୍କା ଅଧିକ ପଇଠ କରାଯାଇଥିବାରୁ ଏହି କାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହର ପାଇଁ ସମସ୍ତ ବିଭାଗୀୟ କାର୍ଯ୍ୟ ଟେଣ୍ଡରର ଗୋଟିଏ ମୂଲ୍ୟ ରହିଥିବାବେଳେ ଏହି ତାରତମ୍ୟ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ରଖି କରାଯାଇଥିବା ଜଣାପଡିଛି। ଅସାଧୁ ଯନ୍ତ୍ରୀଙ୍କ ହାତ ଚିକ୍କଣ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି ବୋଲି ବିଜେପି ଅଭିଯୋଗ କରିଛି। କେନ୍ଦୁଝରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୩୭୦୦ ମିଟର ପକାଯାଇ ବିଲ କରାଯାଇଥିବା ବେଳେ ବାସ୍ତବରେ ସେତିକି ମିଟର ପଡିଛି କି ନାହିଁ ତାହା ମଧ୍ୟ ତଦନ୍ତ ଦାବୀ କରାଯାଇଛି।

# ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ପାରଳା ମହାରାଜା




ଭୁବନେଶ୍ୱର (ପିଏନ୍): ନବ ଓଡିଶାର ବିନ୍ଧାଣୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗତକାଲି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ମାଲ୍ୟାର୍ପଣ କରି କହିଥିଲେ ଯେ, ପାରଳା ମହାରାଜା ସେ ସମୟରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ପାତାଳ ସିଂହ ପ୍ରମୁଖ ମାଲ୍ୟାର୍ପଣ କରି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଡ. ଦ୍ୱାରୀକାନାଥ ମହାନ୍ତିଙ୍କୁ କୃଷ୍ଣଚନ୍ଦ୍ର ଗଜପତି ସମ୍ମାନରେ ସମ୍ମାନିତ କରିଥିଲେ।

## ପ୍ରଗତି କ୍ଲବ ପକ୍ଷରୁ ହଟକେଶ୍ୱର ମନ୍ଦିର ପରିସର ସଫେଇ

ଖୋର୍ଦ୍ଧା (ପିଏନ୍)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଶ୍ରୀ ଶ୍ରୀ ଏକାଦଶ ରୁଦ୍ର ହଟକେଶ୍ୱର ମନ୍ଦିର ପରିସରକୁ ସ୍ଥାନୀୟ ତଳସାହିର ପ୍ରଗତି କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା। ସୂଚନା ଥାଉକି ହଟକେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା ସମୟରେ ଚାପ ଖେଳ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏହି ସମୟରେ ପ୍ରସାଦ ସେବନର ବ୍ୟବସ୍ଥାରେ ବ୍ୟବହାର ହୋଇଥିବା ବିଭିନ୍ନ ପରିତ୍ୟକ୍ତ ଦ୍ରବ୍ୟ ଯଥା: ଖଲିପତ୍ର, ନଡିଆ କତା,କଦଳୀ ଚୋପା, ଦୀପ, ପଲିଥିନ ସମେତ ଦ୍ରବ୍ୟଗୁଡିକ ଏଣେତେଣେ ପଡି ପରିବେଶ ଅପରିଷ୍କାର ହୋଇଥିଲା। ଏଗୁଡିକୁ ପରିଷ୍କାର କରିଥିବାରୁ ସ୍ଥାନୀୟ କ୍ଲବର ସଦସ୍ୟଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବର୍ଷିଆନ ମାର୍କ୍ସବାଦୀ ନେତା ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର (ପିଏନ୍): ବର୍ଷିଆନ୍ କମ୍ୟୁନିଷ୍ଟ ନେତା, ଓଡିଶାରେ ସି.ପି.ଆଇ.(ଏମ୍)ର ଭଗିରଥ, ମାର୍କ୍ସବାଦୀ ଦାର୍ଶନିକ ଓ ତତ୍ୱବିତ୍ ଶ୍ରୀ ଶିବାଜୀ ପଟ୍ଟନାୟକଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଛାତ୍ର ଅବସ୍ଥାରେ ଛାତ୍ର ଫେଡେରେସନ୍‌ରେ ଯୋଗ ଦେଇ ଟ୍ୟୁସନ୍ ଫିସ୍ ବୃଦ୍ଧି ବିରୋଧୀ ଆନ୍ଦୋଳନ ଏବଂ ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ଯୋଗଦେଇ ନିଜର ସାଂଗଠନିକ ପାରଦର୍ଶିତା ପ୍ରମାଣିତ କରିଥିଲେ। ପରେ ମାତ୍ର ୧୭ ବର୍ଷ ବୟସରେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟତା ଲାଭ କରିଥିଲେ। ଏଥିସହ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ମଧ୍ୟ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ପରେ ସେ ଓଡିଶାରେ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ବିଭିନ୍ନ ସ୍ଥାନରେ ସଂଗଠନମାନ ଗଠନ କରିଥିଲେ। ଦେଶର ଅନ୍ୟତମ ଶକ୍ତିଶାଳୀ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ "ସି.ଆଇ.ଟି.ୟୁ" ର ସେ ଥିଲେ ପ୍ରଥମ ସଭାପତି ଏବଂ ପାଖାପାଖି ଦେଢ ଦଶନ୍ଧି ଧରି ଏହି ପଦବୀରେ ରହିଥିଲେ। ୧୯୬୪ ମସିହାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଗଠନ ପରେ ଓଡିଶାରେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ୧୯୭୨ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ କମିଟିର ସମ୍ପାଦକ, ୧୯୭୮ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ର କମିଟିର ସଦସ୍ୟ ରହିଥିଲେ। ଜଣେ ଲୋକପ୍ରିୟ ନେତା ଭାବେ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ୩ ଥର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମଜିବୀ ଜନଗଣ ବିଶେଷ କରି ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡିକୁ ତୋଳି ଧରିଥିଲେ। ମାର୍କ୍ସବାଦୀ ସାହିତ୍ୟ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ପାର୍ଟିର ମୁଖପତ୍ର 'ସାମ୍ୟବାଦୀ' ର ସମ୍ପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଥିଲେ। ନିୟମିତ ତାଙ୍କର ଲେଖନୀରୁ ଉପାଦେୟ ଲେଖାମାନ ପ୍ରକାଶ ପାଉଥିଲା। ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରୁଥିଲେ। ଏହିଭଳି ଜଣେ ବର୍ଷିଆନ ଜନନାୟକଙ୍କ ଦେହାବସାନ ଓଡିଶା ପାଇଁ ଏକ ଗଭୀର ଶୂନ୍ୟସ୍ଥାନ ପୂରଣ କଲା। ସେ ଥିଲେ ଅଜାତ ଶତ୍ରୁ। ତାହା ହିଁ ପ୍ରମାଣିତ ହେଲା ତାଙ୍କର ମରଶରୀର ଆଜି ପାର୍ଟିର ରାଜ୍ୟ ଦପ୍ତରରେ ପହଞ୍ଚିବା ପରେ। ରାଜନୈତିକ ମତ ଭିନ୍ନତା ସତ୍ୱେ ସମସ୍ତ ଦଳର ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ ପାଇଁ ମଇ ୨୪ ତାରିଖରେ ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ପହଞ୍ଚିଥିଲେ। ଦଳ ମତ ନିର୍ବିଶେଷରେ ରାଜ୍ୟର ତୁଙ୍ଗ ରାଜନୈତିକ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀବର୍ଗ ଶିବାଜୀ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ନିଜର ଜୀବଦଶା ମଧ୍ୟରେ ଜନଗଣଙ୍କର ସେବାରେ ନିୟୋଜିତ ରହିବା ପରେ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣା ପାଇଁ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦାନ କରାଯାଇଥିଲା ଏ.ଆଇ.ଆଇ.ଏମ୍.ଏସ୍. ଭୁବନେଶ୍ୱର ପ୍ରତିଷ୍ଠାନକୁ।

ସିପିଆଇ(ଏମ୍) ରାଜ୍ୟ ପରିସର ମଧ୍ୟରେ ଗତକାଲି ଅନୁଷ୍ଠିତ ଏହି ଶ୍ରଦ୍ଧା ନିବେଦନ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ପଲିଟିବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ସିପିଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ, କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍-ଏଲ୍) ଲିବରେସନ୍ ରାଜ୍ୟର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ, ସିପିଆଇ(ଏମ୍-ଏଲ୍) ରାଜ୍ୟନେତା ଶ୍ରୀକାନ୍ତ ମହାନ୍ତି, ଆମ ଆଦମି ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଧାକାନ୍ତ ସେଠୀ, ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତ୍ରୀ ସ୍ୱୟଂପ୍ରଭା କର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଏବଂ ସଂଗ୍ରାମୀ ଜନସାଧାରଣ ଯୋଗ ଦେଇଥିଲେ।

# ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ






କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାଗୃହରେ ଆଇନଜୀବୀ ଦିବସ ତଥା ୧୭୪ତମ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ଓକିଲ ସଙ୍ଘର ସଭାପତି ଧ୍ରୁବଚରଣ ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ବି. କେ. ଚିନାରା, ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଶୋଭନ କାନୁନଗୋ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଂଗୀତା ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଇନଜୀବୀ ଭୀମସେନ ଭୂୟାଁ, ସରୋଜରାଜ ସିଂ, ପରୀକ୍ଷିତ ପାତ୍ର, ପ୍ରଭାତ ଅଧିକାରୀ, ଧିରେନ କୁମାର ସାହୁ, ଗୋକୁଳି ରଞ୍ଜନ ଦାସ, ବିଜୟ ପରିଡା, ଆଶୁତୋଷ ମହାନ୍ତି, ଆଶିଷ ସେନାପତି, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ କୁମାର ଦାଶ, ନିତ୍ୟାନନ୍ଦ ସ୍ୱାଇଁ, ବଳଦେବ ପ୍ରସାଦ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ସମେତ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ ଓ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଜିଲ୍ଲାଜଜ ଶ୍ରୀ ବେହେରାଙ୍କୁ ମଧୁବାବୁଙ୍କ ପଗଡି ପିନ୍ଧାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାଜଜ ଶ୍ରୀ ବେହେରା ବୟୋଜ୍ୟେଷ୍ଠ ଆଇନଜୀବୀ ନୃସିଂହ ଚରଣ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଯୁବ ଆଇନଜୀବୀ ସରୋଜ କୁମାର ପରିଡାଙ୍କୁ ଅବସରପ୍ରାପ୍ତ ଜିଲ୍ଲାଜଜ ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଙ୍ଘର ଉପସଭାପତି ହାଡିବନ୍ଧୁ ସିଂ, ସହସମ୍ପାଦକ ଅସ୍ତରାଗ ତ୍ରିପାଠୀ, କୋଷାଧକ୍ଷ ରାଜୀବ ପାତ୍ର, ଲାଇବ୍ରେରୀଆନ ଚୈତନ୍ୟ ମଲିକ, କମିଟି ସଦସ୍ୟ ବିଚିତ୍ର କୁମାର ବେହେରା, ଅଞ୍ଜନା ମହାନ୍ତି ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ଆଇନଜୀବୀ ଅକ୍ଷୟ କୁମାର ନାଥ, ନେହେରୁ କୁମାର ସାହୁ, ଅରକ୍ଷିତ ସୁଆର, ସତ୍ୟ ପରିଡା, ଆଶିଷ କୁମାର ସାମଲ, ଲକ୍ଷ୍ମଣ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ପକ୍ଷରୁ ଜଳଛତ୍ର



ଯାଜପୁର (ପିଏନ୍): ପ୍ରଚଣ୍ଡ ଖରା ଓ +୨ ପରୀକ୍ଷାକୁ ଦୃଷ୍ଟିରେ ରଖି ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ଦ୍ୱାରା ଏନ୍‌ସି କଲେଜଠାରେ ଏକ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଥିଲା। ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଉକ୍ତ ଜଳଛତ୍ରରେ ଘୋଳ ଦହି ଓ ଥଣ୍ଡା ପାନୀୟ ଜଳ ଗ୍ରହଣ କରି ଆସୋସିଏସନ୍‌ର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା ଓ ଶୁଭାଶିଷ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଭବପ୍ରସାଦ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରଫେସର ବଟକୃଷ୍ଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜଳଛତ୍ରକୁ ଆସୋସିଏସନ୍‌ର ସମ୍ପାଦକ ରଂଜନ କୁମାର ସୁତାର, ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ହାତୀ, ସଂଜୀବ ଭଦ୍ର, ଅର୍ପିତା ନାୟକ ଓ ରଂଜୁଲତା ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହା ପୂର୍ବରୁ ଆସୋସିଏସନ୍ ତରଫରୁ ସ୍ୱଚ୍ଛତା ଯାଜପୁର ଓ ସୁସ୍ଥ ଯାଜପୁର ଅଭିଯାନ ମାଧ୍ୟମରେ ଏନ୍‌ସି କଲେଜର ବାଣିଜ୍ୟ ବ୍ଲକରେ ସଫେଇ କାର୍ଯ୍ୟ ମଧ୍ୟ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମକୁ ଛାତ୍ର ସମାଜ ଓ ଆଲୁମିନି ଆସୋସିଏସନ୍ ତରଫରୁ ପ୍ରଶଂସା ମଧ୍ୟ ମିଳିଥିଲା। ଆସୋସିଏସନ୍‌ର ସମ୍ପାଦକ ଶ୍ରୀଯୁକ୍ତ ସୁତାର କିକ୍ ବକ୍ସିଂ ଦ୍ୱାରା ଏକ ସୁସ୍ଥ ଓ ନିର୍ଭିକ ସମାଜ ଗଠନ ହିଁ ଆସୋସିଏସନ୍ ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ।

## କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି। ବଡବଡିଆ ନେତାଙ୍କଠାରୁ ଶୁଣିବାକୁ ମିଳୁଛି ଦାଗୀ ଓ ବୟସ୍କଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର। ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ୍ୟ ପଛରେ ନାହିଁ। ଏହି ସୂତ୍ରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ; କିନ୍ତୁ କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ପଞ୍ଚମ ପାଳିର ଦ୍ୱିତୀୟ ଇନିଂସରେ କେନ୍ଦୁଝରର ଜଣେ ଅନୁସୂଚିତ ଜାତି ବର୍ଗରୁ ମନ୍ତ୍ରୀ କରିବା ପାଇଁ। ତାଙ୍କ ମନୋବଳକୁ ସୁଦୃଢ କରିବା ସହ ସେମାନେ ସମାଜର ମୁଖ୍ୟସ୍ରୋତରୁ ଅଲଗା ନୁହନ୍ତି ବୋଲି ଓ ତାଙ୍କ ବର୍ଗକୁ ସମ୍ମାନ ଜଣାଇ ଦଳିତ ବର୍ଗରୁ ଏଥର ମନ୍ତ୍ରୀ ଜଣଙ୍କୁ କରିବା ପାଇଁ ବିନତି କରିଥିବା ଜଣାପଡିଛି। ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀର ପ୍ରାୟତଃ ୫ ଶହ ଅନୁସୂଚିତ ଜାତି ବର୍ଗର ଲୋକ ଏକ ଦରଖାସ୍ତରେ ଦସ୍ତଖତ କରି ଜଣେ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

## ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମଇ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୋଦି ସରକାର କର୍ପୋରେଟ ସପକ୍ଷରେ ଆଇନଗତ ପରିବର୍ତ୍ତନମାନ କରୁଛନ୍ତି। ୪୪ଟି ଶ୍ରମ ଆଇନ ପରିବର୍ତ୍ତନ କରି ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। ସେହିପରି ଚାଷୀମାନଙ୍କ ବିରୋଧରେ ଆଣିଥିବା ୩ଟି କଳା କୃଷି ଆଇନକୁ ବ୍ୟାପକ ଆନ୍ଦୋଳନ ଫଳରେ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି। ସମସ୍ତ ସରକାରୀ ଉଦ୍ୟୋଗକୁ ବିକ୍ରୀ ଚାଲିଛି। ବୀମା, ବ୍ୟାଙ୍କ, ପରିବହନ ସେବା, ବିମାନ ବନ୍ଦର, ଜଳପଥ ଓ ସ୍ଥଳପଥକୁ ବିକ୍ରୀ ଚାଲିଛି। ଦରଦାମରେ ନିୟନ୍ତ୍ରଣ ନାହିଁ। କରୋନା ମହାମାରୀରେ ଦେଶର ଆର୍ଥିକ ଅବସ୍ଥା ଭୁଷୁଡି ପଡିଥିଲା ବେଳେ ଆଦାନୀ ଓ ଆମ୍ବାନୀଙ୍କ ଶକ୍ତି ବୃଦ୍ଧି ହୋଇଛି। ଏହିଭଳି ପରିସ୍ଥିତିରେ ମଇ ଦିବସ ପାଳନ ଅବସରରେ ପାର୍ଟିର ପତାକା ଉତ୍ତୋଳନ କରିଥିଲେ ବରିଷ୍ଠ ନେତା ମାଧବ ଦାସ ଓ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନେତା ଜଗତଜୀବନ ଦାଶ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ ଗୟାଧର ଧଳ ବକ୍ତବ୍ୟ ରଖି କହିଲେ ଲାଲଝଣ୍ଡା ଶକ୍ତିଶାଳୀ ହେଲେ ହିଁ ଦେଶକୁ ରକ୍ଷାକରାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମଲିକ, ନିରାକାର ସାହୁ, ମାନଭଞ୍ଜନ ଷଡଙ୍ଗୀ, ବିନୟ କୁମାର ମଲ୍ଲିକ, ମହେଶ୍ୱର ସାହୁ, ମୋହନ କୁମାର ସାହୁ ପ୍ରମୁଖ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ରଖିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି। ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ। ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି। ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଲାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ । ଏଥିରେ ସେହି ଅଂଚଳର ୬ ଜଣ କିନ୍ନର ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଆସି ସେମାନଙ୍କର ରକ୍ତ ଦାନ କକରିଥିଲେ । ଶିବିରରେ ଡା.ଜେ.ସାଇରଜତ ରଶ୍ମିଙ୍କ ପରିଚାଳନାରେ ରକ୍ତ ଭଣ୍ଡାରର ଟେକନିସିଆନ ତୁଷାରକାନ୍ତ ପ୍ରଧାନ,ଦିନକୃଷ୍ଣ ମହନ୍ତ ଏବଂ ବରୁଣ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ଅଂଚଳର ଯୁବକ ମାନେ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ । ଶିବିରରେ ମୋଟ ୮୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# ବିଶିପଡାଠାରେ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ପାଳିତ

କନ୍ଧମାଳ,(ପିଏନ)- ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଆଜି କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡା ସ୍ଥିତ ମିଶନ ଶକ୍ତି ସଭାଗୃହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଂଚଳର ପ୍ରାୟ ୪୦ଟି ଶିଶୁ ଯୋଗ ଦେଇ ଥିଲେ । କୋଭିଡ ନିୟମ ଅନୁସାରେ ପାଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଶିପଡା ସରପଂଚ ଶ୍ରୀମତୀ ମାନସି ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦେଶରେ ପ୍ରଥମେ ଶିଶୁ କନ୍ୟାମାନେ ହସିଲେ ଦେଶ ହସିବ ବୋଲି କହିବା ସହିତ ଶିଶୁ ମାନଙ୍କର ସୁରକ୍ଷା ପାଇଁ ସମସ୍ତେ ଜଡୁକାନ ହେବାକୁ ଆହ୍ୱାନ ଦେଇଛନ୍ତି । ବିଶିପଡାର ପୂର୍ବତନ ସରପଂଚ ଫଗୁଣି ମଲ୍ଲିକ,ଅଙ୍ଗନବାଡି କର୍ମୀ ଯୁବତୀ ପ୍ରଧାନ,ଶାକମ୍ବରୀ କହଁର,ରାଧାରାଣୀ ସାହାଣୀ,ଶିଶୁ କନ୍ୟା ମାନଙ୍କ ତରଫରୁ ଛାତ୍ରୀ କୁମାରୀ ଝୁନୁ ନାୟକ ପ୍ରମୁଖ ଯୋଗ ଦେଇ ଶିଶୁ କନ୍ୟା ମାନଙ୍କର ଅଧିକାର ଓ ସୁରକ୍ଷା ବିଷୟରେ ମତ ଦେଇଥିଲେ । ଚାଇଲ୍ଡ ଲାଇନର କେନ୍ଦ୍ରୀୟ ସଂଯୋଜିକା ରଞ୍ଜିତା ଦାଶ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଚାଇଲ୍ଡ ଲାଇନର ଟିମ୍ ମେମ୍ବର ଶିବଶଙ୍କର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ । ଅନୁଷ୍ଠାନର କାଉନସେଲର ସୁପ୍ରଭା ନାୟକ ଓ ଚିନ୍ମୁନ କୁମାର ପ୍ରଧାନ ଯୋଗ ଦେଇଥିବା ସମସ୍ତଙ୍କୁ ବାଲ୍ୟ ବିବାହକୁ ପ୍ରଶ୍ରୟ ନଦେବାକୁ ଶପଥ ପାଠ କରାଇଥିଲେ । ଶେଷରେ ଟିମ ମେମ୍ବର ଦିଲ୍ଲିପ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

# ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)- ଉତ୍କଳ ଖଦୀ ମଣ୍ଡଳ ପକ୍ଷରୁ କେଦାର ଲେନ, ଗାନ୍ଧୀ ଭବନ ପରିସରରେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ଏକ ଆଲୋଚନା ସଭା ଉତ୍କଳ ଖଦୀ ମଣ୍ଡଳ ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ବରିଷ୍ଠ ଆଡ୍‌ଭୋକେଟ ବୈଷ୍ଣବ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଗାନ୍ଧୀଙ୍କର ଅସହଯୋଗ ଅହିଂସା ଆନ୍ଦୋଳନକୁ ଦେଶର ବର୍ତ୍ତମାନ ସ୍ଥିତିରେ ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସେତେବେଳେ ବିରାଟ ବ୍ରିଟିଶ ବାହିନୀ ବିନା ଅସ୍ତ୍ରରେ ଆମ ଦେଶରୁ ବିତାଡ଼ିତ କରିଥିଲେ । ତାଙ୍କର ଅସ୍ତ୍ର ଥିଲା ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ କାରିଗରୀରେ ଦ୍ରବ୍ୟ ବ୍ୟବହାର କରିବା । ସେଥିପାଇଁ ସେ ଲୋକମାନଙ୍କୁ ହାତ ତିଆରି ଅରଟରେ ସୂତା କାଟି ଲୁଗା ବୁଣି ପିନ୍ଧିବାକୁ କହୁଥିଲେ । ବ୍ରିଟିଶ ମାନଙ୍କୁ ପରାସ୍ତ କରିବାକୁ ଗାନ୍ଧୀଙ୍କର ମୁଖ୍ୟ ଅସ୍ତ୍ର ଥିଲା ଅରଟ । ସେହିପରି ଖଦୀ ଗ୍ରାମାଂଚଳ ଉଦ୍ୟୋଗର ପ୍ରାକ୍ତନ ନିର୍ଦ୍ଦେଶକ ମୁଖ୍ୟ ବକ୍ତା କ୍ଷୀରୋଦ ରଞ୍ଜନ ସାହୁ ମଧ୍ୟ ସାମ୍ପ୍ରତିକ ପରିସ୍ଥିତି ପାଇଁ ଗଭୀର ପଂଚଭୂତ ପ୍ରଦୂଷିତ ହୋଇଛି। ଏହାକୁ ପ୍ରଦୂଷଣମୁକ୍ତ କରିବା ନିତାନ୍ତ ଜରୁରୀ ଅଟେ । ପରିବର୍ତ୍ତନର ସମ୍ପାଦକ ଆଡ୍‌ଭୋକେଟ ରମାକାନ୍ତ ପରିଡ଼ା ଜୟପ୍ରକାଶଙ୍କ ଆତ୍ମଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଆମେ ବର୍ତ୍ତମାନ ପରିସ୍ଥିତିରେ ପୂର୍ବପୁରୁଷ କଥାକୁ ମାନି ଚଳିଲେ ରାମରାଜ୍ୟ ଫେରି ଆସିବ । ଶେଷରେ ପ୍ରଭାସ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଦୀ ମଣ୍ଡଳର ସମ୍ପାଦକ ଧ୍ରୁବଚରଣ ଲେଙ୍କା, ବିରଂଚି ନାରାୟଣ ଗାଆଣ, ଶରତ ଚନ୍ଦ୍ର ମୁଦ୍ରା, ରଞ୍ଜନ କୁମାର ନାୟକ, ଶାନ୍ତିଲତା ଲେଙ୍କା, ବିଦ୍ୟାଧର ନାୟକ ଓ ବିଶୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହାୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପିଏନ)- ଭାରତ ବର୍ଷରେ ସମାଜବାଦୀ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜନ୍ମ ଜୟନ୍ତୀ ଆଜି ସାମାଜିକ ଦୂରତା ରକ୍ଷା କରାଯାଇ ପାଳନ କରାଯାଇଛି । ଭୁବନେଶ୍ୱର ରେଳଷ୍ଟେସନ୍ ନିକଟରେ ଥିବା ଲୋକନାୟକଙ୍କ ପ୍ରତିମୂର୍ତ୍ତିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ହିନ୍ଦ୍ ମଜଦୁର୍ ସଂଘ ତରଫରୁ ପଂଚାନନ ସେନାପତି, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଂଯୋଜକ ଲକ୍ଷ୍ମୀଧର ବେହେରା, ସାମାଜିକ ନ୍ୟାୟ ଆନ୍ଦୋଳନ ପ୍ରବକ୍ତା ପ୍ରଭାସ ସାମନ୍ତରାୟ, ସଂସ୍କୃତି ପ୍ରେମୀ ନଗେନ୍ କୁମାର ନାୟକ, ଯାଜ୍ଞସେନ ପଣ୍ଡା, ଅଖିଳ ସ୍ୱାଇଁ, ପ୍ରଶାନ୍ତ ଜେନା, ଶିଶିର ନାୟକ, ତିମିର ନାୟକ, ବେଦବିଦ୍ୱାନ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଟ ନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ପ୍ରଥମେ ବାମପନ୍ଥୀ ଚିନ୍ତାଧାରା ଓ ପରବର୍ତ୍ତୀ ଅବସ୍ଥାରେ ସମାଜବାଦ ଚିନ୍ତାଧାରା ମାଧ୍ୟମରେ ଦଳିତ, ନିଷ୍ପେସିତ ଜନସାଧାରଣଙ୍କୁ ଶୋଷଣମୁକ୍ତ କରିବା ସହିତ କୃଷକ, ଶ୍ରମିକ ଓ ନିର୍ଯ୍ୟାତିତ ହେଉଥିବା ଜନସାଧାରଣଙ୍କ କଲ୍ୟାଣ ପାଇଁ ସଦା ସର୍ବଦା ସଂଘର୍ଷ ଜାରି ରଖିଥିଲେ । ଗଣତନ୍ତ୍ରର ସୁରକ୍ଷା ପାଇଁ ଜୟପ୍ରକାଶ ନାରାୟଣ ସମଗ୍ର ଦେଶରେ ସମ୍ପୂର୍ଣ୍ଣ କ୍ରାନ୍ତି ମାଧ୍ୟମରେ ଯେଉଁ ଜନଆନ୍ଦୋଳନ ଗଢିତୋଳିଲେ ତାହାର ପ୍ରଭାବ ସ୍ୱରୂପ ୧୯୭୭ ମସିହାରେ ପ୍ରଥମ ଅଣକଂଗ୍ରେସ ସରକାର କେନ୍ଦ୍ରରେ ଗଠନ ହୋଇପାରିଥିଲା । ମାତ୍ର ଅଣକଂଗ୍ରେସ ଶକ୍ତିଙ୍କ ମଧ୍ୟରେ ଥିବା ବିଚାରଧାରାର ସମନ୍ୱୟ ଅଭାବରୁ ଏକ ଧର୍ମନିରପେକ୍ଷ ଅଣକଂଗ୍ରେସ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଲା । ସାମ୍ପ୍ରତିକ ସ୍ଥିତିରେ ଦେଶରେ ସମସ୍ତ ଧର୍ମନିରପେକ୍ଷ ଓ ଅଣକଂଗ୍ରେସ ଶକ୍ତି ଏକାଠି ହେଲେ ଗଣତନ୍ତ୍ରର ସୁରକ୍ଷା ସହିତ ଦେଶର ଧର୍ମନିରପେକ୍ଷତା ବଜାୟ ରହିପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ ।

# ଦାଦନ ହୋଇ ଯାଇଥିଲେ, ଶବ ହୋଇ ଫେରିଲେ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲା ହେଉଛି ଏକ ଦାଦନ ପ୍ରବଣ ଅଂଚଳ। ପ୍ରତିବର୍ଷ ଏହି ଜିଲ୍ଲାର ୫୦ ପ୍ରତିଶତ ଲୋକ ଇଟା ଭାଟିରେ କାମ କରିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ବିଡମ୍ବନାର ବିଷୟ, ରାଜ୍ୟ ସରକାର ଦାଦନ ଚାଲାଣ ରୋକିବାକୁ ଅନେକ ପ୍ରକାରର ପ୍ରୟାସ କରୁଥିଲେ ସୁଦ୍ଧା ବିଫଳ ହେଉଛନ୍ତି। ଠିକ୍ ଭାବରେ ଯଦି ସରକାରୀ କାମ ଯୋଗାଇ ଦିଆଯାଆନ୍ତା ତାହେଲେ କିଛି ମାତ୍ରାରେ ଦାଦନ ଚାଲାଣ ହ୍ରାସ ହୁଅନ୍ତା ବୋଲି ଆଶା କରାଯାଏ। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶ୍ରମିକ ବିଭିନ୍ନ ନିର୍ଯ୍ୟାତନାର ଶିକାର ହେବା ସହ ଅନେକ ଲୋକ ମୃତ୍ୟୁ ବରଣ କରି ଶବ ହୋଇ ଫେରୁଥିବା ଦୃଶ୍ୟ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏବେ ଏବେ ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ ଯୁବା, ସୁଲେକେଲା, କର୍ଲାବାହାଲି ଏମିତି ଅନେକ ଗୁଡିଏ ଗାଁର ଲୋକଙ୍କ ମୃତଦେହ ଆସିଥିବା ବେଳେ ଏବେ ପୁଣି ଏକ ଦାଦନ ଦୁଃଖର କରୁଣ କାହାଣୀର ଖବର ମିଳୁଛି। ସେ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ପଚାଂୟତ ତୁର୍ଲାମାଲ ଗାଁର କୈଳାସ ଭୁଏ (୫୦) ପିତା . ବେଣୁ ଭୁଏ । ସେ ନିଜ ପରିବାର ପୋଷଣ ପାଇଁ ତେଲେଙ୍ଗାନା ରାଜ୍ୟର ଟୁକୁଗୁଡ଼ାକୁ ଇଟା ଗଢିବା ପାଇଁ ଯାଇଥିଲେ। ହେଲେ କୌଣସି କାରଣବଶତଃ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଏବଂ ତାଙ୍କ ଶବ ନିଜ ଭିଟାମାଟିକୁ ଆସୁଥିବା ସୂଚନା ମିଳିଛି। ତାଙ୍କ ଶବ ଆସିଲା ପରେ ସମସ୍ତ ଘଟଣାର ସତ୍ୟାସତ୍ୟ ଲୋକାଲୋଚନକୁ ଆସିବ ।

# ପିଆଜ କିଲୋ ୫ ଟଙ୍କା, ଅଭାବୀ ବିକ୍ରୀର ଶିକାର ଚାଷୀ

ବଲାଙ୍ଗିର, (ପି.ଏନ): କଠିନ ପରିଶ୍ରମ କରୁଛନ୍ତି ଚାଷୀ, କିନ୍ତୁ ଫଳ ମିଳୁନି । କେତେବେଳେ ପ୍ରକୃତିର ଦାଉ ତ ଆଉ କେବେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ପିଆଜ ଚାଷୀ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ପ୍ରାୟ ପାଂଚ ଶହ ଏକର ଜମିରେ ପିଆଜ ଚାଷ ହେଉଛି, କିନ୍ତୁ ଠିକ ସମୟରେ ସରକାରୀ ଯୋଜନାରେ ଚାଷୀଙ୍କୁ ମିଳୁନି ବିହନ କି ସାର। ଏପରିକି ଅଂଚଳରେ ପିଆଜ ଘର ନଥିବାରୁ ଅଭାବୀ ବିକ୍ରିର ଶିକାର ହୋଇ କମ ଦରରେ ବିକ୍ରି କରୁଛି ପିଆଜ ଚାଷୀ। ପିଆଜ ଘର ପାଇଁ ବାରମ୍ବାର ଦାବି ହେଉଥିଲେ ବି ଫଳ ଶୂନ ।ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ପିଆଜ ଚାଷ ହୋଇଥାଏ। ତୁରେକେଲା, ଅଲଣ୍ଡା, ଯାମଖୁଂଟା, ଝଲପ, ପୁଡାପାଲି, ଭୁଷଲାଡ଼, କପିଳାଭଟା ଓ ଆଖ ପାଖ ଗାଁର ୨୦୦ ଏକର ଚାଷ ଜମିରେ ପିଆଜ ଚାଷ ହୋଇଥାଏ। ମୁଖ୍ୟତଃ ଚାଷ କାର୍ଯ୍ୟ ହିଁ ଏହି ଅଂଚଳର ଲୋକଙ୍କ ମୁଖ୍ୟ ବେଉସା। ପ୍ରାୟ ଛଅ ମାସର ପରିଶ୍ରମ କରି ଏପ୍ରିଲ ମାସରେ ପିଆଜ ଚାଷ ଅମଳ ହୁଏ। ହେଲେ ଏତେ ପରିଶ୍ରମର ଲାଭ କିଛି ନାହିଁ । କାରଣ ପିଆଜ କିଲୋ ଏବେ ପାଂଚ ଟଙ୍କା ।ପିଆଜ ରଖିବା ପାଇଁ ଚାଷୀଙ୍କ ଘରେ ଜାଗା ନାହିଁ। ଯାହା ଫଳରେ ବାଧ ହୋଇ ସେମାନେ କିଲୋ ପିଛା ପାଂଚରୁ ଦଶ ଟଙ୍କା ଭିତରେ ବିକ୍ରି କରିଦେଉଛନ୍ତି। ଚାଷୀଙ୍କ ଅଭିଯୋଗ ସରକାରଙ୍କ ତରଫରୁ ଠିକ ସମୟରେ ଓ ସରକାରୀ ମୂଲ୍ୟରେ ବିହନ, ସାର ମିଳୁନାହିଁ। ପୂରା ପରିବାରର ଛଅ ମାସ ଧରି ପରିଶ୍ରମ କରି ଚାଷ କରୁଥିଲେ ବି ଲାଭ ମିଳୁନି। ଏପରିକି ପିଆଜ ଘର ପାଇଁ ଦୀର୍ଘ ବର୍ଷରୁ ଚାଷୀ ଦାବି କରୁଥିଲେ ବି ଫଳ ଶୁନ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ତତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

# ଜିଲ୍ଲାରେ ପୁଣି ୪୯ ଜଣ ସଂକ୍ରମିତ ଚିହ୍ନଟ, ମୋଟ ୫,୧୦୦

କନ୍ଧମାଳ,(ପିଏନ)- ଜଣେ ଆୟୁଷ ଡାକ୍ତରଙ୍କ ସମେତ ୪ ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରେ ନୁଆ ୪୯ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହା ସହିତ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୧୦୦ ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୪,୬୮୯ ଜଣ ଅର୍ଥାତ ଆଜି ସୁଦ୍ଧା ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ୯୧.୯୪ ପ୍ରତିଶତ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୫ ରହିଛି ବର୍ତ୍ତମାନ ସୁଦ୍ଧା କରୋନା ଜନିତ ମୃତ୍ୟୁ ହାର ୦.୪୯ ପ୍ରତିଶତ ରେ ରହିଛି । ଆଉ ୩୮୬ ଜଣ ସଂକ୍ରମିତ ଅର୍ଥାତ ମୋଟ ସଂକ୍ରମିଙ୍କ ୭.୫୭ ପ୍ରତିଶତ ରୋଗୀ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୫ ଜଣ ଓ ଗ୍ରାମାଂଚଳରେ ୩ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବାଲିଗୁଡା ଗ୍ରାମାଂଚଳରେ ୨ ଜଣ, ଘୁ.ଉଦୟଗିରିର ବିଜ୍ଞାପିତ ଅଂଚଳରେ ୩ ଜଣ ଏବଂ ଗ୍ରାମାଂଚଳରେ ଜଣେ ଚିହ୍ନଟ ହୋଇଥିବାବେଳେ କ.ନୁଆଗାଁର ଜଣେ ଜଣ,ଚକାପାଦରେ ୭, ଦାରିଙ୍ଗବାଡିର ୫ ,ଫିରିଙ୍ଗିଆ ୬,ରାଇକିଆ ୧୦,ଟିକାବାଲିର ୪, ତୁମୁଡିବନ୍ଧ ଅଂଚଳରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୁତ୍ରରୁ ଜଣାପଡିଛି । ଏହାସହିତ କରୋନାରେ ଆକ୍ରାନ୍ତ ହୋଇ ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସାଧିନ ଥିବା ରୋଗୀଙ୍କ ପରିବାର ଲୋକଙ୍କର ସୁବିଧା ପାଇଁ ଏବଂ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଫୁଲବାଣୀ କୋଭିଡ ହସପିଟାଲରେ ଆଜି ଠାରୁ ଏକ ହେଲ୍ପ ଡେସ୍କ ଖୋଲାଯାଇଛି । ଏହି ହେଲ୍ପ ଡେସ୍କକୁ ଯୋଗାଯୋଗ କରିବାକୁ ସେଠାରେ ପ୍ରଦାନ କରାଯାଇଥିବା ଏକ ନମ୍ବର(୮୪୮୦୩୮୭୫୩୫)ରେ ଯୋଗାଯୋଗ କରିବାକୁ କନ୍ଧମାଳ ଜିଲ୍ଲାପାଳ ଆଜି ଟ୍ୱିଟ୍ ଜରିଆରେ ସୁଚନା ଦେଇଛନ୍ତି । ତେବେ କରୋନା ସଂକ୍ରମଣ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ କାମରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି ।

# ଖେଳ





ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday May 27, 2022 ଭୁବନେଶ୍ୱର ଶୁକ୍ରବାର, ମଇ ୨୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ସମସ୍ୟା ଘେରରେ ଧର୍ମଶାଳା ଆଦର୍ଶ ବିଦ୍ୟାଳୟ



ଧର୍ମଶାଳା,(ପିଏନ୍): ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତମ ପରିବେଶ ମଧ୍ୟରେ ଉନ୍ନତମାନର ଶିକ୍ଷା ଯୋଗାଇଦେବା ଲାଗି ସରକାର ଆଦର୍ଶ ବିଦ୍ୟାଳୟମାନ ଖୋଲିଛନ୍ତି। କୋଟିକୋଟି ଟଙ୍କା ବ୍ୟୟ କରାଯାଇ ବିଭିନ୍ନ ବ୍ଲକରେ ଏହି ବିଦ୍ୟାଳୟ ଖୋଲାଯାଇଥିବା ବେଳେ ବିଭାଗୀୟ କର୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଏହାର ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଧର୍ମଶାଳା ଆଦର୍ଶ ବିଦ୍ୟାଳୟ କ୍ଷେତ୍ରରେ। ଏହି ଆଦର୍ଶ ବିଦ୍ୟାଳୟଟି ଯେପରି ତାର ଆଦର୍ଶ ଠାରୁ ଦୂରେଇ ଗଲା ଭଳି ମନେ ହେଉଛି। ଧର୍ମଶାଳା ବ୍ଲକ ଜାରକା ଠାରେ ସ୍ଥାପନ ହୋଇଥିବା ଆଦର୍ଶ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଉପଯୁକ୍ତ ଭିତିଭୂମି, କର୍ମଚାରୀ ସାଙ୍ଗକୁ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଯୋଗୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ବିଦ୍ୟାଳୟରେ ଷଷ୍ଠ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାଁନ୍ତି। ସେହିପରି ଗଣିତ, ଇଂରାଜୀ ବିଭାଗ ଶିକ୍ଷକ ଅଭାବ ସାଙ୍ଗକୁ ପିଜିଟି ଶିକ୍ଷକ ପଦବୀ ଖାଲି ଥିବାରୁ ଛାତ୍ରଛାତ୍ରୀ ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ପାଚେରୀ ନଥିବାରୁ ସାମାଜିକ ଯୁବକମାନେ ଅବାଧରେ ପ୍ରବେଶ କରି ନାନାଦି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେହିପରି ଖେଳ ପଡିଆ ନଥିବାରୁ ଛତ୍ରଛାତ୍ରୀମାନେ ଖେଳ କୁଦ ଅଭ୍ୟାସ ଓ ବିଭିନ୍ନ ଖେଳ ପ୍ରତିଯୋଗୀତାରୁ ବଂଚିତ ହେଉଛନ୍ତି । ବିଦ୍ୟାଳୟର ସମ୍ମୁଖ ଭାଗରେ ଥିବା ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଛାତ୍ରଛାତ୍ରୀ ଯିବା ଆସିବା ସମୟରେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ନିକଟ ଅତୀତରେ ଏଠାରେ ଏକ ଦୁର୍ଘଟଣା ଘଟି ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅବିଭାବକଙ୍କ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ବିଦ୍ୟାଳୟ ନିର୍ମାଣ ସମୟରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। କେଉଁଠି କାନ୍ଥରୁ ପ୍ଲାଷ୍ଟର ଛାଡିଲାଣି ତ ଆଉଁ କେଉଁଠି ଛାତ ଫାଟିଲାଣି। କିଛି ଅସାମାଜିକ ବ୍ୟକ୍ତି ସ୍କୁଲର ଝରକା କାଚ ଅନେକାଂଶରେ ଭାଙ୍ଗି ନେଲେଣି। ପରିମଳ ଓ ସ୍ୱଚ୍ଛତା ସଂପର୍କରେ ନକହିବା ଭଲ। ସାଇକେଲ ଷ୍ଟାଣ୍ଡଟିଏ ନଥିବାରୁ ଖରା ବର୍ଷାରେ ପିଲାମାନଙ୍କ ସାଇକେଲ ବାହାରେ ପଡିରହୁଛି। ଏଠାରେ ବିଦ୍ୟାଳୟ ଖୋଲାଯିବା ପରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିବା ଆଶା ରଖିଥିଲେ ଅବିଭାବକ ଓ ଅଂଚଳବାସୀ। କିନ୍ତୁ ଏବେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ନେଇ ସେମାନେ ସନ୍ଧିହାନ ହୋଇପଡିଛନ୍ତି। ଏପଟେ ବିଦ୍ୟାଳୟର ସମସ୍ୟା ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍କୁଲର ପୁନରୁଦ୍ଧାର ଏବଂ ଆନୁସଙ୍ଗିକ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ୧କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଖୁବଶୀଘ୍ର ବିଦ୍ୟାଳୟରେ ଦେଖାଦେଇଥିବା ସମସ୍ୟାର ସମାଧାନ କରାଯିବ ବୋଲି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି।

## ମେଗା ପାନୀୟ ପ୍ରକଳ୍ପରୁ ଚୋରି ଲୁହା ସାମଗ୍ରୀ ଜବତ, ଜଣେ ଗିରଫ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କନ୍ତପଡା ଠାରେ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରୁ ଲୁହା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଆଜି ଜେନାପୁର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ମୁତାବକ, ଜେନାପୁର ଥାନା କନ୍ତପଡା ଠାରେ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଚାଲୁ ଅଛି। ଏଠାରୁ ଗତ ୨୪ତାରିଖ ରାତିରେ ଦୁର୍ବୃତ ଲୁହା ପୋଲ କାଟି ନେଇଥିବା ବେଳେ କଂପାନୀ ପକ୍ଷରୁ ଜେନାପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ ୧୪୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ସ୍ଥାନୀୟ ବାରକଣା ଗ୍ରାମର ରାଜେନ୍ଦ୍ର ପରିଡାକୁ ଗିରଫ କରିଥିଲା। ଏଥିସହ ଚୋରି ଲୁହା ସାମଗ୍ରୀ ଜବତ କରିବା ସହ ବ୍ୟବହୃତ ଗାଡି (ନଂ-ଓଡି ୦୪ ଆର ୨୪୨୯) ଗାଡିକୁ ମଧ୍ୟ ଜବତ କରିଛି। ଚୋରି ଲୁହା ସାମଗ୍ରୀର ମୂଲ୍ୟ ୭୫ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆଜି ଗିରଫ ଅଭିଯୁକ୍ତ ରାଜେନ୍ଦ୍ରକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଧର୍ମଶାଳା ରଜ କୁଇନ୍ ୨୦୨୨ ତୃତୀୟ ରାଉଣ୍ଡ ମେଗା ଅଡିସନ୍



ଭୁବନେଶ୍ୱର,(ପି.ଏନ): ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଆଜି କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଏବଂ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ତ୍ୱାବଧାନରେ ରଜ କୁଇନ ର ତୃତୀୟ ରାଉଣ୍ଡ ମେଗା ଅଡିସନ୍ ଗାର୍ଲସ ୱିଙ୍ଗ୍ର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ତୃତୀୟ ରାଉଣ୍ଡ ମେଗା ଅଡିସନ ନୃତ୍ୟକୁ ନେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜୋନ ସ୍ତରରୁ ଆସିଥିବା ୭୮ଜଣ ପ୍ରତିଯୋଗୀରୁ ୩୫ଜଣଙ୍କୁ ସେମି ଫାଇନାଲକୁ ବିଚାରକମାନେ ଟିକେଟ୍ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ଅପୂର୍ବା ଅପରୂପା, ରାଜ୍ୟ ଛାତ୍ର ଯୁଗ୍ମ ସମ୍ପାଦିକା ଆସାଶ୍ରୀ ସାହୁ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦିକା ଶିବାଙ୍ଗି ରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବିଚାରକ ଭାବେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ, ୧୩ନଂ ଜୋନ ଜିଲ୍ଲା ପରିଷଦ ସ୍ମୃତିରେଖା ବେହେରା, ରାଇଛନ୍ଦା ସମିତିସଭ୍ୟା ଅନିତା ବେହେରା ଏବଂ ଶ୍ରୀବନ୍ତପୁର ସମିତିସଭ୍ୟା ସୌଦାମିନୀ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗାର୍ଲସ ୱିଙ୍ଗର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜି ଏହି ନୃତ୍ୟ ପରିବେଷଣ ଅଡିସନରେ ସୁଚିସ୍ମିତା ରାୟ, ବିପାସା ବେହେରା, ଲିଜା ବାରିକ୍, ଲିପିକା ଓଝା, ନିରୁପମା ସେଠୀ, ଶୁଭଲକ୍ଷ୍ମୀ ବାରିକ୍, ରୋଜି ମଳିକ, ସୁମିତ୍ରା ମଳିକ, ସନ୍ତୋଷୀ ତରାଇ, ଚନ୍ଦ୍ରକଳା ଦାସ, ଗାୟତ୍ରୀ ମଳିକ, ସ୍ମୃତିରେଖା ସାହୁ, ଆନି ଗୁରୁ, ସ୍ମୃତି ସଙ୍ଗିତା ମିଶ୍ର, ଗାୟତ୍ରୀ ମଲ୍ଲିକ୍, ଲିଜାରାଣୀ ପ୍ରଧାନ, ଶୁଭଦ୍ରା ବାରିକ୍, ପୂଜାରାଣୀ କଦମ, ସୋନାଲି ପଣ୍ଡା, ମିତାଲି ବେହେରା, ଶୁଶ୍ରୀ ରକ୍ତିମା ମଲ୍ଲିକ୍, ରାଜଶ୍ରୀ ନାୟକ, ସ୍ମୃତିସାଇ ଲେଙ୍କା, ରୋଜାଲିନ ନାୟକ, ଦେବାଜାନୀ ଫତେସିଂ, ଶୁଶ୍ରୀ ସଙ୍ଗିତା ନାୟକ, ପୂର୍ଣ୍ଣିମା ରାଉତ, ସ୍ୱାଗତିକା ସାହୁ, ସୁଲୋଚନା ଜେନା, ସୁଲଗ୍ନା ପ୍ରିୟଦର୍ଶିନୀ ଦାଶ, ଶୁଭଶ୍ରୀ ରାଉତ, ବିଜୟଲକ୍ଷ୍ମୀ ସାହୁ, ପ୍ରିୟଦର୍ଶିନୀ ରାଉତ, ସୌମ୍ୟାଶ୍ରୀ ଲେଙ୍କା ଏବଂ ସନ୍ତୋଷୀ ଗୋଛାୟତଙ୍କୁ ବିଚାରକମାନେ ଟିକେଟ୍ ଦେଇ ସେମି ଫାଇନାଲକୁ ଉତୀର୍ଣ୍ଣ କଲେ।

## କୋଇଲା ବୋଝେଇ ଟ୍ରେନରେ ଲାଗିଲା ନିଆଁ, ଆୟତ କଲା ଅଗ୍ନିଶମ ବିଭାଗ

ଧର୍ମଶାଳା,(ପିଏନ୍): ବ୍ଲକ ଅନ୍ତର୍ଗତ ହରିଦାସପୁର ଷ୍ଟେସନ ନିକଟରେ ଆଜି ଏକ କୋଇଲା ବୋଝେଇ ଟ୍ରେନରେ ହଠାତ ନିଆଁ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ। ଆଜି ଖୋର୍ଦ୍ଧାରୁ - ଭୁବନେଶ୍ୱର ଯାଉଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ ଦିନ ୨.୧୦ମି. ସମୟରେ ହରିଦାସପୁର ରେଳ ଷ୍ଟେସନ ଅତିକ୍ରମ କରୁଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଟ୍ରେନରେ ନିଆଁ ଲାଗିଥିବା ଜାଣି ପାରି ଟ୍ରେନ ଚାଳକ ଗାଡିକୁ ଅଟକାଇ ଦେଇଥିଲେ। ସଙ୍ଗେ ସଙ୍ଗେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ। ପରେ ଟ୍ରେନଟି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଇଥିବା ସୂଚନା ମିଳିଛି।

## ନାକରେ ଗୀଟାର ଧ୍ୱନୀ ଅନନ୍ୟ ପ୍ରତିଭାରେ ପରିପୂର୍ଣ୍ଣ ବୀରକିଶୋର

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଶିମୋର ପଂଚାୟତ ଅ'ର୍ଗତ ଗଁପୁର ଗ୍ରାମର ବୀର କିଶୋର ମହାପାତ୍ର (୫୭) ବସବାସ କର˚ । ଶ୍ରୀ ମହାପାତ୍ରଙ୍କ ପରିବାର କହିଲେ ପତ୍ନୀ,ପୁଅବୋହୁ ଓ ନାତିକୁ ନେଇ ସଂସାର । ପିଲାଟି ଦିନୁ ଅଭିନୟ ଓ ସଙ୍ଗୀତ ପ୍ରତି ରୁଚି ରହିଥିବା ବେଳେ ବିଭିନ୍ନ ଯାତ୍ରା ପାର୍ଟିରେ ଡୁଏଟ କରି ଜୀବିକା ନିର୍ବାହ କରିଥା˚ ।

## ପାରାଦୀପରେ ବିଶ୍ୱ ହକର ଦିବସ ପାଳିତ

ପାରାଦୀପ:(ପି.ଏନ): ମେ ମାସ ୨୬ ତାରିଖ ବିଶ୍ୱ ହକର ଦିବସ ପାଳନ ଅବସରରେ ପାରାଦୀପ ଖବର କାଗଜ ବିତରକ ସଂଘ ପକ୍ଷରୁ ଏହି ଦିବସ ଗୁରୁବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ଖବର କାଗଜ ବିତରକ ସଂଘର ସଭାପତି ନିମାଁଇ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବାଳକୃଷ୍ଣ ସୂତାର, ପ୍ରଦୀପ କୁମାର ଜେନା, ବାବୁଲି ନାଉରି, ନବ ଦାସ, ଦୀପକ ସାହୁ,ଜଗନ୍ନାଥ ଦାସ,ଶୁଭ ପ୍ରଧାନ, ଅଜୟ ସାହୁ,ପୁରୁଷୋତମ ଦାସ, ବଳରାମ ବେହେରା,ସୁଶାନ୍ତ ନାଥ, ସୁଶାନ୍ତ ସାମଲ,ଅର୍ଜୁନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ହେଲେ ଗୋପାଳ ଚନ୍ଦ୍ର ବେହେରା



କେନ୍ଦ୍ରାପଡ଼ା,(ପି.ଏନ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅନୁମୋଦନ କ୍ରମେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଭାବେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡିଛି । ଏନେଇ କଲେଜ ପରିଚାଳନା ପରିଷଦର ପ୍ରସ୍ତାବକୁ ଉଚ୍ଚଶିକ୍ଷା ବିଭାଗ ଅନୁମୋଦନ କରିବା ସହ କଲେଜ ରାଜନୀତି ବିଜ୍ଞାନ ବିଭାଗର ରିଡର ଗୋପାଳ ଚନ୍ଦ୍ର ବେହେରାଙ୍କୁ ଗତ ଅପ୍ରେଲମାସ ୩୦ତାରିଖ ଠାରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ତଥା ସମ୍ପାଦକ ଭାବରେ ନିଯୁକ୍ତି ପ୍ରଦାନ କରିଥିବା ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ତାଙ୍କ ପତ୍ର ସଂଖ୍ୟା ୨୧୬୮୬ ତା ୨୬.୦୫.୨୦୨୨ରିଖରେ କଲେଜ ପରିଚାଳନା ପରିଷଦର ସଭାପତିଙ୍କୁ ଜଣାଇଛନ୍ତି । ଏସମ୍ପର୍କିତ ପତ୍ର ପହଁଚିବା ପରେ ମହାବିଦ୍ୟାଳୟରେ ଖୁସୀର ଲହରୀ ଖେଳି ଯାଇଥିଲା । ଶ୍ରୀ ବେହେରାଙ୍କୁ ବିଭିନ୍ନ ବିଭାଗର ଅଧାପକ, ଅଧାପିକା ଓ ମହାବିଦ୍ୟାଳୟର କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ । ସ୍ୱାଗତ କାର୍ଯ୍ୟକ୍ରମରେ ଡଃ. ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ, ପ୍ରଶାନ୍ତ ସାହୁ, ଅଶୋକ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ, ଗୌରହରି ଷଡ଼ଙ୍ଗୀ, ଅଶ୍ୱିନୀ ପଣ୍ଡା, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କଲେଜ ଅଧକ୍ଷ ଶ୍ରୀ ବେହେରା ଏଥିପାଇଁ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ ସୋଲାର ଲାଇଟ୍ ସ୍ଥାପନ

ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲ ଅନ୍ତର୍ଗତ ନୂଆଗାଁ, ଢିଙ୍କିଆ, ଗଡକୁଜଙ୍ଗ ପଂଚାୟତରେ ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ୧୦୦ ଗୋଟି ସୋଲାର ଲାଇଟ୍ ସ୍ଥାପନ କରାଯାଇଛି । ଦୀର୍ଘ ବର୍ଷ ଧରି ଏହି ଅଂଚଳରେ ବିଦ୍ୟୁତ ସେବା କ୍ଷେତ୍ରରେ ଅନିୟମିତତା ଦେଖା ଦେଉଥିବା ବେଳେ ଅନେକ ସମୟରେ ବିଦ୍ୟୁତ କାଟ ହୋଇଥାଏ। ଫଳରେ ରାତିରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗାଁର ଗହଳି ରାସ୍ତାରେ ଲୋକମାନେ ଯିବା ଆସିବା ବେଳେ ବହୁତ ହଇରାନ ହେଉଥିଲେ । ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମ ଅଧିନରେ ବିଭିନ୍ନ ଗାଁର ଲୋକ,ଜନ ପ୍ରତିନିଧିମାନଙ୍କ ସହମତିରେ ମୁଖ୍ୟ ସ୍ଥାନ ଗୁଡିକ ଯଥା ସ୍କୁଲ, ମନ୍ଦିର, ପଂଚାୟତ କାର୍ଯ୍ୟାଳୟ,କ୍ଲବ୍ ଘର ସମ୍ମୁଖ ସ୍ଥାନ ଗୁଡିକରେ ସୋଲାର ଲାଇଟ୍ ସ୍ଥାପନ କରାଯାଇଛି । ଆଗାମୀ ଦିନରେ ଅନ୍ୟ ସ୍ଥାନ ଗୁଡିକରେ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ସୋଲାର ଲାଇଟ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ନେଇ ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ସୂଚନା ମିଳିଛି ।

## ଇଣ୍ଡିଆନ୍ ଅଏଲ୍ ଅଶୋଧିତ ପାଇପ୍ ଲାଇନ୍‌ରେ ଫାଟ: ଭାସୁଛି ଲକ୍ଷ ଲକ୍ଷ ଗ୍ୟାଲନ୍ ଅଶୋଧିତ ତୈଳ

ପାରାଦୀପ,(ପି.ଏନ)- ପାରାଦୀପ ତୈଳ ବିଶୋଧନାଗାର ଟାଉନ୍‌ସିପ୍ ନିକଟରେ ଗୁରୁବାର ଦିନ ଅଶୋଧିତ ତୈଳ ପାଇପ୍ ଲାଇନ୍ ଫାଟି ଯିବାରୁ ସେଠାରେ ଲକ୍ଷ ଲକ୍ଷ ଗ୍ୟାଲନ୍ ତେଲ ବୋହି ଯାଉଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳଛି । ପାରାଦୀପ ତୈଳ ବିଶୋଧନାଗାର ପରିସରରୁ ପାରାଦୀପ-ହଳଦିଆ-ବାରାଉଣି ୬୪ ଇଂଚର ପାଇପ୍ ଲାଇନ୍‌ରେ ଅଶୋଧିତ ତୈଳ ପରିବହନ ହୋଇଥାଏ । ଗୁରୁବାର ଦିନ ଏହି ପାଇପ୍ ଲାଇନ୍ ରେ ଫାଟ ସୃଷ୍ଟି ହେବାରୁ ସେଠାରେ ଲହଡି ମାରିବା ଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା ।ଏହି ଅଶୋଧିତ ତୈଳ ପାଇପ୍ ଯୋଗେ ଯିବା ପରେ ସେଠାରେ ବିଶୋଧନାଗାରରୁ ପେଟ୍ରୋଲ, ଡିଜେଲ୍, କିରୋସିନ୍, ଗ୍ୟାସ ପ୍ରଭୃତି ସାମଗ୍ରୀ ବାହାରି ଥାଏ । ଖବର ପାଇ ଇଣ୍ଡିଆନ୍ ଅଏଲ୍ ପହଂଚି ଅଗ୍ନିଶମ ବାହିନୀର ସହାୟତା ଲୋଡିଥିଲେ । ଅଗ୍ନିଶମ ବାହିନୀ ସେଠାରେ ପହଂଚି ଫୋମ୍ ସ୍ପ୍ରେ କରିବା ପରେ ଉକ୍ତ ପାଣି ମିଶା ଅଶୋଧିତ ତେଲକୁ ଟ୍ୟାଙ୍କର ଯୋଗେ ପାରାଦୀପ ତୈଳ ବିଶୋଧନାଗାରକୁ ନେଇ ଯାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ୨୪ ହଜାର ଲିଟର ବିଶିଷ୍ଟ ପ୍ରାୟ ୩୦ ଗୋଟି ଟ୍ୟାଙ୍କରରେ ଏହି ଅଶୋଧିତ ତେଲ ଗୁଡିକୁ ବିଶୋଧନାଗାର ମଧ୍ୟକୁ ନିଆଯାଇଛି । ପ୍ରକାଶଥାଉକି ଏହି ପାଇପ୍ ଲାଇନ୍‌ରେ ତେଲ ପରିବହନ ନିମନ୍ତେ ଏକ ସ୍ୱତନ୍ତ୍ର ପଦ୍ଧତି ଗ୍ରହଣ କରାଯାଇଥାଏ । ଯଦି ପାଇପ୍ ଲାଇନ୍ ର କୌଣସି ସ୍ଥାନରେ ଫାଟ ସୃଷ୍ଟି ହୁଏ ତୁରନ୍ତ ଏହା ସେନସର ମାଧ୍ୟମରେ ନିୟନ୍ତ୍ରଣ କକ୍ଷକୁ ସୂଚନା ଦେଇଥାଏ । ତେବେ ଏ କ୍ଷେତ୍ରରେ ନିୟନ୍ତ୍ରଣ କକ୍ଷକୁ କିପରି ସୂଚନା ମିଳିଲା ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ପ୍ରାୟ ୫ ବର୍ଷ ପୂର୍ବେ କେନ୍ଦ୍ରାପଡା ଜିଲ୍ଲାରେ ଏହି ପରି ପାଇପ୍ ଲାଇନ୍ ଫାଟି ତେଲ ଲିକ୍ ହୋଇଥିଲା । ୬ ମାସ ପୂର୍ବରୁ ମଧ ଏହି ସ୍ଥାନରେ ପାଇପ୍ ଲାଇନ୍ ଫାଟିଥିବା ନେଇ ସୂଚନା ମିଳିଛି । ଯଦି ସେ ସମୟରେ ସଠିକ୍ ଭାବେ ମରାମତି କରାଯାଇଥାନ୍ତା ତେବେ ଆଜିର ଏହି ଅଘଟଣ ଘଟିନଥାନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ତେବେ ପାରାଦୀପ ରିଫାଇନାରୀ ଟାଉନସିପ୍ ନିକଟରେ ଘଟିଥିବା ଏହି ଅଘଟଣ ଘଟିବା ପରେ ତୁରନ୍ତ ସେହି ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା ଯାହାକି ଏକ ବଡ ବିପଦକୁ ଏଡାଇ ଦିଆଯାଇ ପାରିଛି । ଏହି ଅଘଟଣ ପଛରେ କାହାର ହାତ ଅଛି ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବାକୁ ସାଧାରଣରେ ଦାବୀ ହେଉଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray